ଚଢ଼େଇଧରା,୧୬।୪(ଦିଲିପ ପରିଡ଼ା): ଦୀର୍ଘ ବର୍ଷ ଧରି ଧର୍ମଶାଳାରେ ଭୁଷୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥାରେ ପୁନରୁଦ୍ଧାର କରାଯିବା ସହିତ ଏଥିରେ ସୁଧାର ଅଣାଯିବ ବୋଲି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଛନ୍ତି। ବୁଧବାର ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ଜଗନ୍ନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଗୃହର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ବିଧାୟକ ସାହୁ ଏପରି କହିଛନ୍ତି । ଏହି ଅବସରରେ ବିଧାୟକ ସାହୁ କହିଲେ, ଭୁଷୁଡ଼ି ପଡ଼ିଥିବା ଶିକ୍ଷା ବ୍ୟବସ୍ଥାରେ ଖୁବ ଶୀଘ୍ର ପରିବର୍ତ୍ତନ ଆସିବ । ଏହାର ବିକାଶ ଆମ ସମସ୍ତଙ୍କ କର୍ତ୍ତବ୍ୟ । ନୂତନ ଗୃହ ଛାତ୍ରୀଛାତ୍ରମାନଙ୍କ ଶିକ୍ଷାବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ସେମାନଙ୍କ ବୌଦ୍ଧିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏହି ମହାବିଦ୍ୟାଳୟର କିପରି ବିକାଶ ହେବ ସେଥିପାଇଁ ବିଧାୟକ ପରିଚାଳନା କମିଟି, ଅଧ୍ୟକ୍ଷ ଓ ଅଧ୍ୟାପିକା,ଅଧ୍ୟାପକମାନଙ୍କ ସହଯୋଗ କାମନା କରିଥିଲେ। ଅଧ୍ୟକ୍ଷ ସୁକାନ୍ତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।



ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ବିଧାୟକ ହିମାଂଶୁ ସାହୁ ଓ ଅନ୍ୟମାନେ।

# ବିଞ୍ଝାରପୁର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା





କଂଗ୍ରେସ କର୍ମୀମାନେ ମଶାଲ ଧରି ଶୋଭାଯାତ୍ରାରେ ଯାଉଛନ୍ତି।

ବିଞ୍ଝାରପୁର,୧୬।୪( ରାମକୃଷ୍ଣ ଦାସ): ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର ଓ ନାବାଳିକା ଅପହରଣ ଦିନକୁ ଦିନ ବଢ଼ି ଚାଲିଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ରାଜ୍ୟରେ ନାରୀ ସୁରକ୍ଷିତ ନାହାନ୍ତି। ନାରୀ ସୁରକ୍ଷା ଦିଗରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଏହାର ପ୍ରତିବାଦରେ ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ କଂଗ୍ରେସ ନେତ୍ରୀ କନକଲତା ମଲିକଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବ୍ଲକ ସଭାପତି ପ୍ରବୋଧ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରା ବିଞ୍ଝାରପୁର ପଞ୍ଚାୟତ ଟ୍ରେଜେରୀ ଛକଠାରୁ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଥାନାଛକ, ମେଡିକାଲ ଛକ ପରିକ୍ରମା କରି ସୟଦପୁର ପଞ୍ଚାୟତ ଶହୀଦ ଗୟାଶୁଦ୍ଦିନ ଛକ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ପ୍ରତାପ ଦାସ, ମହେଶ୍ୱର ଦାସ, ହିମାଂଶୁ ମଲ୍ଲ, ପ୍ରଶାନ୍ତ ଶେଖର ସାହୁ, ଶ୍ରୀଧର ମଲିକ, ଦାମୋଦର ଧଳ, ଗୋବିନ୍ଦ ନାୟକ, ସୁଲୋଚନା ଦାସ, ନାରଦ ମଲିକ, ବିନାୟକ ନାୟକ, ବାସୁଦେବ ବାରିକ, ସାହାନାୱାଜ ଆଲମ, ମାହେର ଅଲ୍ଲୀ ଖାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ହିଙ୍ଗୁଳାଙ୍କ ପୀଠରେ ଯଜ୍ଞର ପୂର୍ଣ୍ଣାହୁତି

ପାଣିକୋଇଲି,୧୬।୪ (ବିକାଶ କୁମାର ମଲିକ): ମା'ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କୋରାଇର ବିଭିନ୍ନ ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା । ସେହିପରି ପାଣିକୋଇଲିସ୍ଥିତ ମା'ହିଙ୍ଗୁଳାଙ୍କ ପୀଠରେ ୩ ଦିନ ଧରି ଯଜ୍ଞ ଆୟୋଜନ କରାଯାଇଥିଲା । ଏହି ଅବସରରେ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପ୍ରସାଦ ସେବନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ପାଲା,ଭଜନ ସନ୍ଧ୍ୟା, ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଣ୍ଡିତ ଅକ୍ଷୟ କୁମାର ଦାଶ ମା'ଙ୍କର ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ରବିନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦିଲୀପ କୁମାର ମଲିକ, ଦେବବ୍ରତ ରାୟ, ପ୍ରଜ୍ଞାନ ଓଝା, ଦାମୋଦର ବିଶ୍ୱାଳ, ଅରୁପାନନ୍ଦ ମଲିକ, ଦୀପକ ନାୟକ, ମନୋଜ ମଲିକ, ଶୁଭେନ୍ଦୁ ସିଂ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଜଳଛତ୍ର

ଚଣ୍ଡିଖୋଲ,୧୬।୪(ପ୍ରଦୀପ୍ତ କୁମାର ଦୃଷ୍ଟି): ସଂଗ୍ରାମୀ ଏକାଡେମୀ ବନ୍ଦରେଶ୍ୱର, ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ ବଡ଼ଚଣା ଓ ସଂଗ୍ରାମୀ ଜଗନ୍ନାଥ ମାନଧାତା ସ୍ମୃତି ପରିଷଦ ବିକ୍ରମପିଡ଼ିଆ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଜଳଛତ୍ର ଖୋଲିଛି। ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତି ଅବସରରେ ପ୍ରତିବର୍ଷ ବେଲ ପଣା ବଣ୍ଟନ ଓ ଜଳଛତ୍ର ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦରେସର ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍ମୃତି ଉଦ୍ୟାନରେ ଆୟୋଜନ କରାଯାଇଥାଏ। ଏକାଡେମୀର ବରିଷ୍ଠ ସଦସ୍ୟ ରଞ୍ଜତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡା. ସୁମନ ଗଜେନ୍ଦ୍ର ରାୟ, ଡା. ସୌମ୍ୟରଞ୍ଜନ ମାଇତି, ଡା. ସତ୍ୟରଞ୍ଜନ ରାଉତ, ଇଂ.ଦୀପକ ସେନ, ଇଂ.କ୍ରିଷ୍ଣକାନ୍ତ, ଅଧ୍ୟାପକ ଆୟୁଷ୍ମାନ ସାମଲ, ସିଆଇଏସ୍‌ଏଫ୍ ଯବାନ ରତିକାନ୍ତ ପଣ୍ଡା, ବିଏସ୍‌ଏଫ୍ ଯବାନ ନାଗେଶ୍ୱର ଦାସ, ଯବାନ ମେହେରାଜ ଖାନ, ସଦାନନ୍ଦ ଦାସ, ଶିକ୍ଷକ ଲୋଚନ ପ୍ରଧାନ,ପ୍ରଜ୍ଞାନ ସାମଲ, ରଶ୍ମି ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସଂଗ୍ରାମୀ ଏକାଡେମୀର ଶତାଧିକ ସଦସ୍ୟମାନେ ରାସ୍ତାରେ ଯାଉଥିବା କ୍ଳାନ୍ତ ପଥିକମାନଙ୍କୁ ବେଲ ପଣା ଓ ସର୍ବତ ବିତରଣ କରିଥିଲେ। ଏହି ଅବସରରେ ଗତ ପୋଲିସ ବିଭାଗ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲା ସୁମନ୍ତ, ଆଶୁତୋଷ, ଜୀବନ, ଏବଂ ଜଗନ୍ନାଥଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଂଯୋଜକ ଶ୍ରୀକାନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।





ପଥଚାରୀମାନଙ୍କୁ ପଣା ବଣ୍ଟନ କରାଯାଉଛି।

# ବାର୍ଷିକ ଯଜ୍ଞ ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଜେନାପୁର,୧୬।୪(ଅଶୋକ ଦାସ): ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଷଣ୍ଢପୁର ଗ୍ରାମରେ ମହାମାୟୀ ହିଙ୍ଗୁଳାଙ୍କ ୫୭ତମ ବାର୍ଷିକ ଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ସଭାରେ ରାଧାକାନ୍ତ ସାମଲ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ମନୋଜ ଧଳ ଯୋଗଦେଇ ପୌରାଣିକ କାହାଣୀ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜେନାପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ରଥ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବରାଳ,ହିଙ୍ଗୁଳା ଯୁବକ ସଂଘ ସଭାପତି ଦୀପକ ପାତ୍ର ଯୋଗ ଦେଇଥିଲେ। ୫ ଦିନ ଧରି ଚାଲିଥିବା ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳରେ କୁନିକୁନି ପିଲାମାନଙ୍କୁ ନେଇ ନାଚ, ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏବେ ବି ପୋଲିସ ହାତ ଖାଲି

## ପିହୁ ନିଖୋଜ ଘଟଣା

ବରୀ,୧୬।୪(ମହେନ୍ଦ୍ର ସ୍ୱାଇଁ): ପିହୁ ନିଖୋଜ ଘଟଣାକୁ ୫ ବର୍ଷ ପୂରିବାକୁ ଆଉ ଅଳ୍ପଦିନ ବାକି ଅଛି । ତାଙ୍କ ମା' ମୋନାଲିସା ନାୟକଙ୍କ ଲିଖିତ ଅଭିଯୋଗ ପରେ ବି ପୋଲିସ ଏହି ଘଟଣାରେ ସଫଳତା ପାଇନାହିଁ । ଏବେ ବି ପିହୁ ନିଖୋଜ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବରୀ ବ୍ଲକ ଅଧୀନ ମଧୁସୂଦନପୁର ଗାଁର ଦେଢ଼ବର୍ଷର ଶିଶୁକନ୍ୟା ନିଜ ଘର ସମ୍ମୁଖଦାଣ୍ଡରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ଉକ୍ତ ଘଟଣା ସେତେବେଳେ ବେଶ ଚର୍ଚ୍ଚାର ବିଷୟ ହୋଇଥିଲା। ଏ ନେଇ ମୋନାଲିସା ୯।୮।୨୦୨୦ରେ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ବିଂଝାରପୁର ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲେ । ହେଲେ ଉପରସ୍ଥ ଅଧିକାରୀଙ୍କ ଚାପରେ ପୋଲିସ ୧୪।୮।୨୦୨୦ରେ ଏକ ଅପହୃତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ହେଲେ ସେହି ଶିଶୁପୁତ୍ରକୁ ଉଦ୍ଧାର କରିବା ପୋଲିସ ପାଇଁ କାଠିକର ପାଠ ହୋଇଥିଲା । ଏହି ମର୍ମରେ ମୋନାଲିସା ତତ୍କାଳୀନ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଡିଜି ଓ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନ ଥିଲା।

ଗତ କିଛିଦିନ ତଳେ ଭୁବନେଶ୍ୱର ରାମ ମନ୍ଦିର ନିକଟରୁ ଜଣେ ଦୃଷ୍ଟିବାଧିତ ମା'କୋଳରୁ ଏକ ଦେଢ଼ବର୍ଷର ଶିଶୁକୁ ଅପହରଣ କରି ନିଆଯାଇଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଅପହରଣର ୭୨ ଘଣ୍ଟା ପରେ କମିଶନରେଟ ପୋଲିସ ସେହି ଶିଶୁପୁତ୍ରକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଂଝାରପୁର ପୋଲିସ ନିଖୋଜ ପିହୁର ସନ୍ଧାନ ନ ପାଇବା ଜିଲା ପୋଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋନାଲିସା ବି ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଗୁହାରି କରିଥିଲେ । ହେଲେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଏହା ମୋତେ ମାନସିକ ଯନ୍ତ୍ରଣା ଦେଉଛି ବୋଲି ମୋନାଲିସା କହିଛନ୍ତି। ନିଜ ପୁଅକୁ ଉଦ୍ଧାର କରିବାକୁ ମୋନାଲିସା ଆକୁଳ ନିବେଦନ କରିଛନ୍ତି।

# ଅମରେଶ୍ୱରୀ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୬।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ସନ୍ଧ୍ୟା ଉଦ୍‌ଯାପିତ ହୋଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୁତି, ଭୋଗରାଗ ଆଦି ରାତିମିତି ସମ୍ପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଆଜି ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂର୍ଣ୍ଣାହୁତି ଓ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଛି । ପୂଜକ ପ୍ରମୋଦ ପାଢ଼ୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିଦିବେଶ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟା ଅନସୂୟା ସାହୁ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ସାମଲ, କାଳିନ୍ଦୀ ସାହୁଙ୍କ ସମେତ ଗ୍ରାମୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ ।

# ଭୋଟକା ହିଙ୍ଗୁଳା ଯଜ୍ଞ ଉଦ୍‌ଯାପିତ

ରସୁଲପୁର,୧୬।୪(ରଞ୍ଜିତ ରାଉତ):



ରସୁଲପୁର ବ୍ଲକ ଭୋଟକା ବଉଁଠ ପଡ଼ିଆ ମା'ହିଙ୍ଗୁଳାଙ୍କ ୬୬ତମ ବାର୍ଷିକ ମହାଯଜ୍ଞୋତ୍ସବର ଉଦ୍‌ଯାପିତ ହୋଇଯାଇଛି। ପ୍ରାତରେ ପୂର୍ଣ୍ଣାହୁତି କର୍ମ ଆରମ୍ଭ ହୋଇଥିଲା । ସୂର୍ଯ୍ୟଦେବତା ଆଗମନ ପୂର୍ବରୁ ଯଜ୍ଞ କୁଣ୍ଡରେ ପଣ୍ଡିତମାନେ ଶେଷ ଅର୍ଘ୍ୟ ଅର୍ପଣ କରିସାରିଥିଲେ। ପରେ କଳସ ବିସର୍ଜନ ପର୍ବ ଆରମ୍ଭ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ ଯଜ୍ଞ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ଯଜ୍ଞ କୁଣ୍ଡରେ ନଡ଼ିଆ, ଭୋଗ ଅର୍ପଣ କରିବା ସହ ୩ଥର ଆହୁତି ଦେଇ ମା'ଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ ମା' ହିଙ୍ଗୁଳାଙ୍କ ପଞ୍ଚୁ ଖୋଲିଥିଲା। ସକାଳ ସ୍ନାନ ପରେ ବଡ଼ସିଂହାର ବେଶରେ ଭୂଷିତ କରାଯାଇଥିଲା। ମା'ଙ୍କ ନିକଟରେ ବିଶେଷ ପୂଜାର୍ଚ୍ଚନା କରାଯିବା ପରେ ପଣ୍ଡିତମାନେ ଯଜ୍ଞକୁଣ୍ଡରେ ଶେଷ ଅର୍ଘ୍ୟ ଅର୍ପଣ କରିଥିଲେ। ଯଜ୍ଞ ସରିବା ପରେ ଖରସ୍ରୋତା ନଦୀ(ପଟାଘାଟ)ରେ କଳସ ବିସର୍ଜନ କରାଯାଇଥିଲା। ମୂଳ କଳସଧାରୀ ସାବିତ୍ରୀ ଖୁଣ୍ଟିଆ ଓ ନିକିତା ଖୁଣ୍ଟିଆ କଳସ ବିସର୍ଜନ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିସହ ପଣ୍ଡିତମାନଙ୍କ ଦ୍ୱାରା ଗାଈଘିଅରେ ଭଜା ଯାଉଥିବା ବାସ୍ତୁଚି ଚାଉଳକୁ କଞ୍ଚାଖିରରେ (୯ ପ୍ରକାର ପୂଜା ସାମଗ୍ରୀ ମିଶ୍ରଣ) ରନ୍ଧା ଯାଇଥିଲା। ଉକ୍ତ ଚରୁ ଭୋଗକୁ ୧୬ଖଣ୍ଡ ସହଯୋଗୀ ଗ୍ରାମରେ ବଣ୍ଟନ କରାଯିବା ପାଇଁ ବନ୍ଦୋବସ୍ତ କରାଯାଇଥିଲା। ଯଜ୍ଞର ଶେଷ ରାତିରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।

# ସାହିତ୍ୟ ସମାଜକୁ ସୁନ୍ଦର ଭାବେ ଗଢ଼ି ତୋଳେ

## ଜାରକା ଗୋପବନ୍ଧୁ ଛକରେ ବିଷୁବ ମିଳନ

ଧର୍ମଶାଳା,୧୬।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଜାରକା ଗୋପବନ୍ଧୁ ଛକ ନିକଟରେ ବିଷୁବ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସାହିତ୍ୟିକର ଦେଶ ନାହିଁ। ଯୁଦ୍ଧ ହେଲେ ସାହିତ୍ୟିକଟିଏ ବି ମରୁଛି । ପ୍ରତ୍ୟେକ ଲୋକ ଭିତରେ ଅନ୍ୟନତା ରହିଛି । ଯାହା ଭୁଲ୍ ତାକୁ ଭୁଲ୍ ବୋଲି କୁହାଯାଉ ବୋଲି ଡ. ପାଢ଼ୀ ଗୁରୁତ୍ୱାରୋପ କରିଥିଲେ । ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିଲେ । ସାହିତ୍ୟ ସର୍ଜନା କବିତାରୁ ଆରମ୍ଭ ହୋଇଛି । କବିର କଳ୍ପନା ସୁନ୍ଦର ପ୍ରସାରୀ । ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଶବ୍ଦ ବ୍ୟବହାର ହେଲେ ତାହା ଭଲ କବିତା ହୋଇପାରିବ ବୋଲି ମହାନ୍ତି କହିଥିଲେ । ମୁଖ୍ୟବକ୍ତା ଭାବେ କବି ଡ. ଗୌତମ ଜେନା ଯୋଗଦେଇ ବିଷୁବ ମିଳନ ସମ୍ପର୍କରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ। ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁ ଚରଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସମାଜକୁ ସୁନ୍ଦର ଭାବେ ଗଢ଼ି ତୋଳେ ବୋଲି କହିଥିଲେ। ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ସାଧୁ ଅଭୟାନନ୍ଦ ସାରଦା, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, କବି ଡ. ଇନ୍ଦୁପ୍ରଭା ସାମଲ ଓ ସାମାଜିକ କର୍ମୀ ଦେବବ୍ରତ ରାଉତ ଯୋଗ ଦେଇ ବିଷୁବ ମିଳନ ଓ ଓଡ଼ିଆ ନବବର୍ଷ ସମ୍ପର୍କରେ ଆଲୋଚନା କରିଥିଲେ । କବି ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପଣ୍ଡିତ ବ୍ରଜକିଶୋର ଦାଶ, କବି ସରୋଜିନି ପଣ୍ଡା, ପ୍ରତିମା ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶୁଭକାନ୍ତ ନାୟକ କବିତା ପାଠ କରିଥିଲେ । ଶିକ୍ଷକନେତା ଆଦିକନ୍ଦ ସ୍ୱାଇଁ, ଯୁଗଳ କିଶୋର ଦାସ, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ, ଖବରଦାତା କିଶୋର କୁମାର ରାଉତ, ଅମ୍ବିକା ପ୍ରସାଦ ଦାଶ, ସୁବାସ ଚନ୍ଦ୍ର ସାହୁ, ଅଧ୍ୟାପକ ବିଜୟ କୁମାର ନାୟକ, ଦିଲୀପ କୁମାର ଜେନା, ଯୁବନେତା ଉଗ୍ରସେନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଖବରଦାତା ବିକ୍ରମ କେଶରୀ ମହାନ୍ତି ଓ ପ୍ରଶାନ୍ତ କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ବଦ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ଡିଜିଟାଲ ଦୁନିଆରେ ଗୁଣାତ୍ମକ ଶିକ୍ଷା ବିପର୍ଯ୍ୟସ୍ତ

**ପଟ୍ଟାମୁଣ୍ଡାଇ, ୧୬।୪ (କଳ୍ପତରୁ ନାୟକ)**

ଆଜିର ପ୍ରତିଯୋଗିତାମୂଳକ ଡିଜିଟାଲ ଦୁନିଆରେ ବ୍ୟକ୍ତିବିଶେଷ ଓ ସମ୍ପ୍ରଦାୟର ବିକାଶ ପାଇଁ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବାବେଳେ ପଟ୍ଟାମୁଣ୍ଡାଇ ଶିକ୍ଷାମଣ୍ଡଳ ସ୍ତରରେ ଏହା ପରିଲକ୍ଷିତ ହେଉନାହିଁ। ବିଦ୍ୟାଳୟରେ ଡିଜିଟାଲ ସରଞ୍ଜାମ ଥିଲେ ମଧ୍ୟ ପ୍ରାଥମିକ ଶିକ୍ଷାର ସ୍ଥିତି ବିଶେଷ ଭଲ ନାହିଁ। ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ଆସୁନାହିଁ। ପୁରାତନ ଶିକ୍ଷାର ବିଷୟବସ୍ତୁ ଶୀର୍ଷକ ମଳିନ ପଡ଼ିଯାଇ ନୂତନତା ଭରିଯାଇଛି। ଯୁଗ ଯୁଗ ଧରି ଯେଉଁ ଶିକ୍ଷା ଅନ୍ଧକାରରୁ ଆଲୋକକୁ ନେବାରେ ପଥପ୍ରଦର୍ଶକ ସାଜିଥିଲା ଆଜି ସେହି ଶିକ୍ଷା ସ୍ୱୟଂ ଅନ୍ଧକାରରେ ଆଚ୍ଛାଦିତ ବାତାବରଣ ଭିତରେ ହଜିଯାଉଛି। ବହୁ ସ୍ୱଳ୍ପ ଶିକ୍ଷିତ ନିଜକୁ ଶିକ୍ଷକର ପରିଚୟ ଦେଉଛନ୍ତି। ଆଉ ଅନେକ ସରକାରୀ ସ୍କୁଲର ଛାତ୍ରୀଛାତ୍ର ନକଲୀକରଣକୁ ଶିକ୍ଷାର ମାପକାଠିରେ କେନ୍ଦ୍ରବିନ୍ଦୁ ଭାବି ଶିକ୍ଷାକୁ କଳୁଷିତ କରିଚାଲିଛନ୍ତି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଦାଶ, ଗୋପାଳ ଚନ୍ଦ୍ର ଦାଶ, ପ୍ରେମାନନ୍ଦ ପଣ୍ଡା, ଗୋଲେଖ ଜେନା, ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ପ୍ରମୁଖ କହିଛନ୍ତି, ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶିକ୍ଷାର ଉନ୍ନତୀକରଣ ପାଇଁ ରୂପାନ୍ତରୀକରଣ କରିଛନ୍ତି। ହେଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଯାହା ନିହାତି ଜରୁରୀ ତାହା ନାହିଁ। ନୀତିନୈତିକତା ସମ୍ପନ୍ନ ଦକ୍ଷ ଅଭିଜ୍ଞ ଶିକ୍ଷକ ଚୟନ ଅବହେଳା ପରିଲକ୍ଷିତ ହେଉଛି। ଚୟନ ପଦ୍ଧତିରେ ସ୍ୱଚ୍ଛତା ନ ଥିବାରୁ ଛାତ୍ରୀଛାତ୍ର ମନରେ ଗୁଣାତ୍ମକ ଶିକ୍ଷା ସଞ୍ଚାର ହୋଇପାରୁନାହିଁ। ୮୦ ଦଶକ ପୂର୍ବରୁ ଓ ପରେ ଆମେ ବହୁ ସ୍ୱଳ୍ପ ବେତନରେ ଶିକ୍ଷାଦାନ କରାଉଥିଲୁ। ଶିକ୍ଷାବୃତ୍ତି ପ୍ରତି ଶ୍ରଦ୍ଧା ଅକ୍ଷୁଣ୍ଣ ରଖି ଗୁଣାତ୍ମକ ଶିକ୍ଷାର ମାନ ବଢ଼ାଉଥିଲୁ। ସେତେବେଳେ ଭିତ୍ତିଭୂମି ନ ଥିଲା। ଚାଳ ଛପର ଘରେ ପିଲାମାନେ ଚଟ ପକାଇ ବସି ପଢୁଥିଲେ। ଶନିବାର ମୁଠିଚାଉଳ ଓ ମାସିକ ଟଙ୍କାଟିଏ ପାଠ ଖର୍ଚ୍ଚ ପରିବାର ଲୋକ ଦେଉଥିଲେ। ସେତେବେଳେ ବ୍ଲକ୍‌ରେ ଜଣେ ଏସ୍‌ଆଇ ବିଦ୍ୟାଳୟ ପରିଦର୍ଶନ କରୁଥିଲେ। ମାତ୍ର ଏବେ ସରକାରୀ ଭାବେ ଡିଇଓ, ବିଇଓ, ଏବିଇଓ, ବିଆର୍‌ସିସି, ୧୦ରୁ୨୦ ସିଆର୍‌ସିସି ବିଦ୍ୟାଳୟ ପରିଦର୍ଶନ କରୁଥିବାବେଳେ ସବୁ ପ୍ରକାର ଭିତ୍ତିଭୂମି ଅଛି। ହେଲେ ସରକରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ମାନ ପରିଲକ୍ଷିତ ହେଉନାହିଁ। ତେଣୁ ଅଭିଭାବକମାନେ ସରକାରୀ ସ୍କୁଲ ପ୍ରୀତି ଛାଡ଼ି ନିଜ ପିଲାଙ୍କୁ ଘରୋଇ ସ୍କୁଲମୁହାଁ କରାଉଛନ୍ତି। ଏମିତି ବି ଏହି ସରକାରୀ ସ୍କୁଲର ଶିକ୍ଷକମାନେ ନିଜ ପିଲାଙ୍କୁ ପବ୍ଲିକ୍ ସ୍କୁଲରେ ପାଠ ପଢ଼ାଉଥିବା ନଜିର ରହିଛି। ଅପରପକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରାୟ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନକୁ ରୂପାନ୍ତରୀକରଣ କରାଯାଇ ଆବଶ୍ୟକ କମ୍ପ୍ୟୁଟରାଇଜ କରାଯାଇଛି। କିନ୍ତୁ ଏହି ଡିଜିଟାଲିଜେଶନ ବ୍ୟବସ୍ଥାର ଠିକ୍ ଉପଯୋଗ କରାଯାଉନାହିଁ ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଯଦି ସମସ୍ତ ସ୍କୁଲରେ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼କରି ପ୍ରତ୍ୟେକ ଶିକ୍ଷକଙ୍କ ଉପରେ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଆନ୍ତା ହୁଏତ ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇବ। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ଏବେ ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଘଟୁନାହିଁ। ଫଳରେ ଘରୋଇ ସ୍କୁଲରେ ଶିକ୍ଷା ଏବେ ବ୍ୟୟ ସାପେକ୍ଷ ହୋଇଗଲାଣି। ଗରିବ ପିଲାଟି ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଆର୍ଥିକ ସ୍ୱଚ୍ଛଳ ଅଭିଭାବକଙ୍କ ପିଲା ତଥାକଥିତ ମେଧାବୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଛନ୍ତି। ବର୍ତ୍ତମାନ ଆଦର୍ଶ ବା ଭଲ ଛାତ୍ର କହିଲେ, କେବଳ ମେଧାବୀ ଛାତ୍ରଙ୍କୁ ବୁଝାଏ ନାହିଁ। ବହୁ ମେଧାବୀ ଛାତ୍ରୀଛାତ୍ର ଦେଶର ବହୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ। ସେମାନଙ୍କ ଭିତରେ ମାନବୀୟ ମୂଲ୍ୟବୋଧ ଗୁଣ କେତେ ରହିଛି ତାକୁ ମଧ୍ୟ ବିଚାରକୁ ନେବା ଦରକାର। ଯଦି ଶିକ୍ଷକ ବା ଅଧ୍ୟାପକଙ୍କ ଭିତରେ ସମର୍ପିତ ଭାବ ଶ୍ରଦ୍ଧା–ବିଶ୍ୱାସ–ଆଗ୍ରହ ଓ କର୍ତ୍ତବ୍ୟନିଷ୍ଠା ନ ରହିବ, ତେବେ ସରକାର ଯେତେ ନୀତି ନିୟମ ପ୍ରଣୟନ କଲେ ମଧ୍ୟ ଫଳପ୍ରଦ ହେବନାହିଁ। ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ ବା ସଂକଳ୍ପ ବୋଲି ଶିକ୍ଷକମାନେ ଅନୁଭବ କରିବା ଦରକାର। ଅତୀତରେ ଜଣେ ଗରିବ ପିଲା ମେଧାବୀ ଛାତ୍ର ହେଉଥିବା ବେଳେ ଦେଶର ନାମ ରଖୁଥିଲେ। ମାତ୍ର ବର୍ତ୍ତମାନ ତାହା ଅପସରିତ ହୋଇଗଲାଣି। ଯଦି ସ୍କୁଲ ଶୈକ୍ଷିକ ବାତାବରଣ ଓ ଶିକ୍ଷାଦାନ ବ୍ୟବସ୍ଥାରେ ଉତ୍କର୍ଷ ଅଣାଯାଏ, ତେବେ ସରକାରୀ ବିଦ୍ୟାଳୟର ସମ୍ମାନ ଓ ଗୌରବ ଫେରି ଆସିପାରିବ।


ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ।

# କଳା, ସଂସ୍କୃତି, ସାହିତ୍ୟ ଆମର ପରିଚୟ

## ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୬।୪ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁସୁପୁର ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦର ୨୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ସଂଗଠନର ପୂର୍ବତନ ସଭାପତି କେଶବ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦର ଆବାହକ ସତ୍ୟବ୍ରତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଥାକାର ପ୍ରଦୀପ ନାୟକ, ଅଧ୍ୟାପିକା ଭଗବତୀ ରାଉତ, ଗାଳ୍ପିକ ବିଷ୍ଣୁ ଚରଣ ଦାଶ ଓ କବି ସୁଶାନ୍ତ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କଳା ସଂସ୍କୃତି ଓ ସାହିତ୍ୟ ଆମର ପରିଚୟ ବୋଲି ପ୍ରକାଶ କରି ଏହାର ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜିଲ୍ଲାର ୧୦ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଣଖିଆ ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ବେହୁରା, ସୁରେଶ ଜେନା, ସୁଲଭ ଦାସ ଓ ବିରଞ୍ଚି ଦାସ, ଶିକ୍ଷକ ନଟବର ସାହୁ, ମଦନପୁର କଲେଜ ଅଧ୍ୟାପକ ଶୁଭକାନ୍ତ ନାୟକ, ଶିକ୍ଷକ ନେତା ବାବୁ କିଶୋର ଜେନା, ମାଟିଆପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ଶତପଥୀ, ମଦନପୁର ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ କାଶୀନାଥ ନାୟକ, କୁସୁପୁର ଗ୍ରାମର ଶିକ୍ଷାବିତ୍ ନଟବର ମଲିକ ଓ ଶିକ୍ଷୟିତ୍ରୀ ନମିତାପ୍ରଭା ଦାଶଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୬୮ଜଣ ବେଦଜ୍ଞ ବ୍ରାହ୍ମଣ ଓ ୧୦ ମଣ୍ଡଳୀକୁ ନେଇ ବୃନ୍ଦାବନ ହରିହର ଓ ଆନନ୍ଦ ବଜାର କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କବି ସାହିତ୍ୟିକ ବୁଦ୍ଧିଜୀବୀ ଓ ଗ୍ରାମୀଣ ଜନସାଧାରଣ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ ବଣ୍ଟନ


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

**ମାର୍ଶାଘାଇ, ୧୬।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଗାଁରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପହଞ୍ଚି ବୁଧବାର ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରିଛନ୍ତି। ମନ୍ତ୍ରୀ ମହାଲିଙ୍ଗ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସହ ଘରକୁ ଘର ବୁଲି ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ବୟୋ ବନ୍ଦନ ଯୋଜନାରେ କାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଡା. ପ୍ରମୋଦ କୁମାର ପ୍ରହରାଜ, ଏଡିଏମ୍‌ଓ ସଚ୍ଚିଦାନନ୍ଦ ମିଶ୍ର. ଜନ ସ୍ୱାସ୍ଥ୍ୟ ଅଧିକାରୀ ନୃପେନ ଶତପଥି, ନିଗମ ପ୍ରସାଦ ରଥ, ବିକ୍ରମାଦିତ୍ୟ ସାହୁ, ବିକ୍ରମ ରାଉତରାୟ, ବାବୁନି ପୃଷ୍ଟି, ଜ୍ଞାନରଞ୍ଜନ ବସନ୍ତିଆ, ରଶ୍ମି ରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ।

# ଜୟନଗର ନୋଡାଲ ଉଚ୍ଚ ବିଦ୍ୟାଳୟ ପିଲାଙ୍କ ଥାନା ପରିଦର୍ଶନ



ଥାନା ପରିଦର୍ଶନରେ ଆସିଥିବା ଛାତ୍ରୀଛାତ୍ରମାନେ।

**ରାଜକନିକା, ୧୬।୪ (ରବୀନ୍ଦ୍ର କୁମାର ଦାସ)**

ଜୟନଗର ନୋଡାଲ ଉଚ୍ଚ ବିଦ୍ୟାଳୟ ଏସପିସି ଛାତ୍ରଛାତ୍ରୀ ରାଜକନିକା ଥାନାରେ ପହଞ୍ଚି ପୋଲିସ ଆଇନ କାନୁନ ଓ ଜନସାଧାରଣଙ୍କ ସୁରକ୍ଷା ବିଷୟରେ ସଚେତନ ହୋଇଛନ୍ତି। ଏସପିସି ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ଛାତ୍ରଛାତ୍ରୀ। ଛାତ୍ରୀଛାତ୍ରମାନଙ୍କୁ ଆଇନ ଓ ପୋଲିସର ଭୂମିକା ଉପରେ ସଚେତନତା କରାଇବା ସହ ସମାଜରେ ବିଭିନ୍ନ କ୍ଷେତ୍ରରେ କଳଙ୍କକଳଙ୍କ -ନିଶାରୁ ଦୂରେଇ ରଖିବାକୁ ଏହି ଅଭିନବ ପ୍ରୟାସ। କିଭଳି ସମାଜରେ ଯୁବ ପିଢ଼ି ଅପରାଧ ଦିଗରୁ ଦୂରେଇ ରହିବେ ସେନେଇ ଏହି ଏସପିସି ଗଠନ କରାଯାଇଛି। ଛାତ୍ରୀଛାତ୍ର ଆଗାମୀ ଭବିଷ୍ୟତରେ ଯୁବ ଅପରାଧଠାରୁ ଦୂରେଇ ରହିବା ଲାଗି ଏହି ଆଇନ ସଚେତନତା କରାଯାଇଥିଲା। ପୋଲିସକୁ ଅତି ନିକଟରୁ ବୁଝିବା ପାଇଁ ଏହା ଗଠନ କରାଯାଇଛି। ଏହି ପରିପେକ୍ଷୀରେ ପୂର୍ବାହ୍ନ ୧୧ଟାରେ ଜୟନଗର ପଞ୍ଚାୟତ ନୋଡାଲ ହାଇସ୍କୁଲ ପିଲାମାନେ ଥାନାରେ ପହଞ୍ଚି ଆଇଆଇସିଙ୍କୁ ଭେଟିବା ସହ ଥାନାର ବିଭିନ୍ନ ବିଭାଗ ଓ ଏହାର କାର୍ଯ୍ୟକାରିତା ଉପରେ ସଚେତନ ହୋଇଥିଲେ। ପ୍ରତ୍ୟେକ ଦିନ ମଣିଷ ପାଇଁ ନିହାତି ଆବଶ୍ୟକ ହେଉଥିବା ଆଇନର ପରିଧି ବିଷୟରେ ଆଇଆଇସି ସଞ୍ଜୟ ମଲ୍ଲିକଙ୍କଠାରୁ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଞ୍ଜୟ କୁମାର ବିଶ୍ୱାଳ, ଶିକ୍ଷକ ସୁଶ୍ରୀ ସଙ୍ଗୀତା ସାହୁ, ଶିକ୍ଷୟିତ୍ରୀ ଅଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଜେଡିର ରଣହୁଙ୍କାର

**କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)**

ଦୀର୍ଘଦିନର ବ୍ୟବଧାନ ପରେ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଛି। କେନ୍ଦ୍ରାପଡ଼ାର ଅସ୍ମିତା ଉପରେ ପ୍ରହାର ହେଉଥିବା ଦାବି କରି ବିଜେଡି ପକ୍ଷରୁ ବୁଧବାର ରଣହୁଙ୍କାର ଦିଆଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭରେ ସାମିଲ ହୋଇଥିଲେ। ମେଡିକାଲ କଲେଜ ସ୍ଥାପନା ସମ୍ପର୍କରେ ତୁରନ୍ତ ଘୋଷଣା ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ କହିଛନ୍ତି। ସେମାନେ କହିଛନ୍ତି, ରାଜ୍ୟରେ ଶାସନ ପରିବର୍ତ୍ତନ ପରେ କେନ୍ଦ୍ରାପଡ଼ା ଜିଲାକୁ ଅବହେଳା କରାଯାଉଛି। ଜିଲାର ନିକଟବର୍ତ୍ତୀ ଜିଲା ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉଛି। ତେବେ ଏହି ଜିଲାରେ ଅଦ୍ୟାବଧି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହେଉନାହିଁ। ବିଧାନସଭାରେ ଏ ନେଇ ବାରମ୍ବାର ପ୍ରଶ୍ନ ଉଠାଯାଇଛି। ନିକଟରେ ଅନ୍ୟ ଜିଲାଗୁଡ଼ିକରେ ଶୀତଳଭଣ୍ଡାର ଓ ପର୍ଯ୍ୟଟନସ୍ଥଳ ପାଇଁ ଘୋଷଣା ହୋଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ପାଇଁ ଗୋଟିଏ ବି ପ୍ରସ୍ତାବ ନାହିଁ। ସେହିପରି ଶିଳ୍ପ ପ୍ରତିଷ୍ଠାକୁ ଅଣଦେଖା କରାଯାଇଛି। ଏହି ଜିଲାରେ ସ୍ୱାସ୍ଥ୍ୟସେବା ଏକ ମୌଳିକ ଆବଶ୍ୟକତା। ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ଏହାର ସମାଧାନ ହୋଇପାରିବ। ଜିଲା ବିଜେଡି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସର୍ବଦା ଜାଗତ୍ୟାର ବୋଲି କହିବା ସହ ଏଥିପାଇଁ ଆନ୍ଦୋଳନ ଜାରି ରହିବ। ବିଜେଡି ଜିଲା ସଭାପତି ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ପୌରାଧ୍ୟକ୍ଷା ସରିତା ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାସ, ବରିଷ୍ଠ ନେତା ରଞ୍ଜିତ ସାହୁ, ରାଜେଶ ପଣ୍ଡାଙ୍କ ସମେତ ବହୁ ବିଜେଡି ନେତା ଏହି ବିକ୍ଷୋଭରେ ନେତୃତ୍ୱ ଦେଇଥିଲେ। ବ୍ଲକ ସଭାପତି ଆଲୋକ ସାହୁ, ନଗର ସଭାପତି ଯଯାତିକେଶରୀ ମହାନ୍ତି ପ୍ରମୁଖ ବିକ୍ଷୋଭ ସଭାକୁ ପରିଚାଳନା କରିଥିଲେ।


ବିକ୍ଷୋଭରେ ସାମିଲ ହୋଇଥିବା ବିଜେଡି ବିଧାୟକ ଓ ନେତାମାନେ।

# ପଟ୍ଟାମୁଣ୍ଡାଇ କଲେଜରେ ଜାତୀୟ ଟବାକୋ ଆୟୁତ କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୧୬।୪ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କଲେଜ ସାଇନ୍ସ ସୋସାଇଟି ଓ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ କମ୍ୟୁନିଟ ହେଲ୍‌ଥ ସେଣ୍ଟର ପକ୍ଷରୁ ଜାତୀୟ ଟବାକୋ ଆୟୁତ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କମ୍ୟୁନିଟି ହେଲ୍‌ଥ ସେଣ୍ଟର ପକ୍ଷରୁ ଡା. ଅଶୋକ ସାହୁ, ଏପିଡେମୋଲଜିଷ୍ଟ ଡା. ପୁରବୀ ପରିଡା, ଆୟୁଷ ମେଡିକାଲ ଅଫିସର ଶ୍ୟାମ ସୁନ୍ଦର ବିଶ୍ୱାଳ, ପିଏଚ୍‌ଇଓ ସ୍ନେହଲତା ମହାନ୍ତି ପ୍ରମୁଖ ଯୋଗଦେଇ ଟବାକୋ ବ୍ୟବହାର ଦ୍ୱାରା ଶରୀର ଉପରେ କୁପ୍ରଭାବ ନେଇ ଆଲୋକପାତ କରି ଏହାକୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ସାଇନ୍ସ ସୋସାଇଟି ଉପସଭାପତି ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ, ଝୋଟି ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଅମିତ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା ସରୋଜକାନ୍ତ ନାୟକ, ଶୁଭାଶିଷ ମିଶ୍ର, ଆଲୋକ ସାହୁ, ଜିତେନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ।

# ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ


ଶ୍ରୀରାମ ନବମୀ ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ରାଜନଗର, ୧୬।୪ (ଭାସ୍କର ରାଉତରାୟ)**

ପ୍ରଭୁ ଶ୍ରୀରାମଙ୍କ ପବିତ୍ର ନବମୀ ଉତ୍ସବ ୬ତାରିଖଠାରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଯାଇଛି। ରାଜନଗର ଦେବୀ ମଣ୍ଡପଠାରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତିକୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପୀ ରାମଚରିତ ମାନସ ପାରାୟଣ ସହିତ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା, ପ୍ରବାଚକଙ୍କ ଦ୍ୱାରା ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ପାଳନ କରାଯାଇଛି। ପଣ୍ଡିତ ବିଜୟ କୁମାର ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ କୁମାର ପାଣି ପ୍ରମୁଖ ରାମଚରିତ ମାନସ ପଠନ ସହିତ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ନୃତ୍ୟ ପରିବେଶଣ କରାଯାଇଥିଲା। ଏହାକୁ ବଣିକ ସଂଘର ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ରବିନ୍ଦ୍ର କୁମାର ପ୍ରଧାନ, ଅନିରୁଦ୍ଧ ପରିଡା, ବିଚିତ୍ର କୁମାର ମଳିକ, ସୁବାଷ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ସତ୍ୟବାନ ସେଠୀ, ଗଙ୍ଗାଧର ସେଠୀ, କମଳାକାନ୍ତ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ଶ୍ରୀନିବାସ ରାଉଳ, ନୃସିଂହ ଚରଣ ଲେଙ୍କା, ବଟକୃଷ୍ଣ ଷଡଙ୍ଗୀ, ରମେଶ ଚନ୍ଦ୍ର ଲାଲ, ହୃଷିକେଶ ସାହୁ, ସୁରେନ୍ଦ୍ର କୁମାର ସାହୁ, ସୋମନାଥ ବାରିକ, ସୁବାସ ଚନ୍ଦ୍ର ସାହୁ, ଦେବାନନ୍ଦ ରାଉତ, ବାବୁ ମହାନ୍ତିଙ୍କ ସମେତ ସମସ୍ତ ବ୍ୟବସାୟୀ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁଙ୍କୁ ଶିକ୍ଷା ସହ ସଂସ୍କାର ଶିଖାଇବା ଜରୁରୀ

**ମାର୍ଶାଘାଇ, ୧୬।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ସରସ୍ୱତୀ ଶିଶୁ ମନ୍ଦିର ଗୌରବମୟ ଗୁରୁ ପରମ୍ପରା ଭାରତୀୟ ଐତିହ୍ୟ ବିମଣ୍ଡିତ ଆଧାରରେ ଗଢ଼ାଯାଇଛି। ଏହାର ଶିକ୍ଷାଦାନ ପ୍ରଣାଳୀ ମଧ୍ୟ ଉଚ୍ଚକୋଟିର ଅଟେ। ତେଣୁ ପିଲାମାନଙ୍କୁ ବୌଦ୍ଧିକ ଶିକ୍ଷା ଶିକ୍ଷାଦାନ ସହ ସଂସ୍କାର ପ୍ରଦାନ ଜରୁରୀ। ଏ କ୍ଷେତ୍ରରେ ସରସ୍ୱତୀ ଶିଶୁ ମନ୍ଦିର ବଳିଷ୍ଠ ଭୂମିକା ନିଭାଉ ବୋଲି ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଛନ୍ତି। ବୁଧବାର ମାର୍ଶାଘାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତି ସଭାପତି ମଧୁସୂଧନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଜିଲା ପ୍ରମୁଖ କପିଳ ଚରଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇଥିଲେ। ସମ୍ପାଦକ ଚନ୍ଦ୍ରମଣି ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମାକାନ୍ତ ବେଉରାଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସଂସ୍କୃତି, ଉତ୍ତମ ଜୀବନଶୈଳୀ ଉପରେ ଗୁରୁତ୍ୱ

## ପାଟେଣୀଗାଁ ମା' ଜାଗୁଳାଇ ସେବା ସଂଘର ଅଷ୍ଟମ ବାର୍ଷିକ ଉତ୍ସବ

**ଜଗତ୍‌ସିଂହପୁର, ୧୬।୪ (ପ୍ରମୋଦ କୁମାର ନାୟକ)**

ପ୍ରତ୍ୟେକ ଓଡ଼ିଆ ଇଂରାଜୀ ନୁହେଁ ଓଡ଼ିଆ ନବବର୍ଷର ମହତ୍ତ୍ୱ ଉପଲବ୍ଧି କରିବା ସହ ଏହାକୁ ଜାକଜମକରେ ପାଳନ କରିବା ଉଚିତ। ଏହାର ଗୁରୁତ୍ୱ ଅନ୍ୟମାନଙ୍କୁ ବୁଝାଇଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ପାଟେଣୀଗାଁସ୍ଥିତ ମା'ଜାଗୁଳାଇ ସେବା ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ଏବଂ ଓଡ଼ିଆ ନବବର୍ଷ ପାଳନ ଉତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଆୟୋଜିତ ଉତ୍ସବରେ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ମୁଖ୍ୟଅତିଥି ଓ କବି ଡାକ୍ତର ଶୁଭକୁମାର ଦାଶ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଇନ୍ଦା ଡିଏସପି ପ୍ରେମାନନ୍ଦ ଲେଙ୍କା ଓ କୃଷକ ନେତା ଶେଷଦେବ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଆମ ଖାଦ୍ୟପେୟ ନିଆରା। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ମହାନ। ଏହାକୁ ଉଜ୍ଜୀବିତ କରି ରଖିବାକୁ ପଡିବ। ଏଥିସହ ଉତ୍ତମ ଜୀବନଶୈଳୀକୁ ଆପଣାଇପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ଉତ୍ସବରେ କେତେକ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଉକ୍ତ ଗ୍ରାମର ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବ ଅର୍ଥାତ୍ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୪ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ରବୀନ୍ଦ୍ରନାଥ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ରାଜନ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଦେଇଥିଲେ। ସେହିପରି ଦୁଇଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବରେ ଗ୍ରାମର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ରାଜକନିକା ସିଆର୍‌ସିସି ସମ୍ମାନିତ

**ରାଜକନିକା, ୧୬।୪ (ସଞ୍ଜୟ କୁମାର ଦାଶ)**

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଗତ ୧୧ ଓ ୧୨ ଦୁଇ ଦିନ ଧରି ପ୍ରତିଷ୍ଠାନର ବହୁମୁଖୀ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲାର ୧୦ ବ୍ଲକର ୧୩୨ ଜଣ ସିଆରସିସିଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଜରିସାହି କ୍ଲଷ୍ଟରର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆରସିସି ଖଗେଶ୍ୱର ପଡିହାରୀ ଏଥିରେ ଯୋଗ ଦେଇ ନିଜ କ୍ଲଷ୍ଟର, ରାଜକନିକା ବ୍ଲକ ଏବଂ କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷା କ୍ଷେତ୍ରରେ ଯେଉଁ ଅଭିନବ କାର୍ଯ୍ୟକ୍ରମ କରାଯାଉଛି ତାହା ସେ ଉପସ୍ଥାପନ କରିଥିଲେ। ଏହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଥିଲା। ଶିବିରରେ ଯୋଗ ଦେଇଥିବା ସମସ୍ତ ସିଆରସିସି ଏହି ଅଭିନବ କାର୍ଯ୍ୟକ୍ରମକୁ ଗ୍ରହଣ କରିବା ପାଇଁ ଅଧ୍ୟକ୍ଷ ସମସ୍ତ ସିଆରସିସି ଏବଂ ଡିଆଇଇଟିର ଶିକ୍ଷକ, ପ୍ରଶିକ୍ଷକ ପ୍ରଶିକ୍ଷିକାମାନଙ୍କୁ ଅନୁରୋଧ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସିଆରସିସି ପଡିହାରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ କର୍ମଶାଳା

**ନାଉଗାଁ, ୧୬।୪ (ସୁଧା ବେହୁରା)**

ଜଗତ୍‌ସିଂହପୁର ଡିଆଇଇଟି ତତ୍ତ୍ୱାବଧାନରେ ନାଉଗାଁ ବ୍ଲକର ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଓ ଅଲଣାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ମୁଗେଇସ୍ଥିତ କାଳିଦାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଦୁଇଟି କ୍ଲଷ୍ଟର ସମସ୍ତ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ସ୍ତରୀୟ ଶିକ୍ଷଣ ସାଧନ ପ୍ରସ୍ତୁତି ଏବଂ ଖେଳଣାକୁ କିପରି ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ତାହା ପ୍ରଦର୍ଶନ କରାଯାଇଥିଲା। ତାଳପତ୍ର, ମାଟି, ନଡ଼ିଆ କତା, କାଗଜ, ବାଉଁଶ, କାଠ, କପଡା ଦ୍ୱାରା ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଭିନ୍ନ ରଙ୍ଗ ବେରଙ୍ଗର ଅନେକ ଖେଳଣା ପ୍ରସ୍ତୁତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନତୀ ବେହେରା, ପୂର୍ବତନ ସିଆରସିସି ଶାରଦା ପ୍ରସନ୍ନ ଓଝା, ଶରତ ଚନ୍ଦ୍ର ରାଉତ ଓ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ମିରକାପ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଜିତେନ୍ଦ୍ର କୁମାର ସେଠୀ ଓ ସିଆରସିସି କମଳଲୋଚନ ନାୟକ ପରିଚାଳନା କରିଥିଲେ।


କ୍ଲଷ୍ଟରସ୍ତରୀୟ କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ ।

# ଶରଧାପୁରରେ ସବର୍ଣ୍ଣ ଅସବର୍ଣ୍ଣ ବିବାଦ ତେଜିଲା

- ଏସ୍‌ପିଙ୍କୁ ଫେରାଦ ହୋଇ ନ୍ୟାୟ ମାଗିଲେ ବେତାରସାହି ଅସବର୍ଣ୍ଣ
- ନିଆଁଗାଡ଼ ଦେଖୁଥିବାବେଳେ ଛୁଆଁ ଅଛୁଆଁ ଭେଦଭାବକୁ ନେଇ ମାରପିଟ

ନୟାଗଡ,୧୬।୪(ଲୋକନାଥ ମିଶ୍ର)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ବେତେରା ସାହିର ଲୋକେ।

ପଣାସଂକ୍ରାନ୍ତିରେ ଓଡ଼ଗାଁ ଥାନା ଶରଧାପୁରରେ ନିଆଁଗାଡ ଦେଖୁଥିବାବେଳେ ଶରଧାପୁର ବେତରାସାହିର ଜଣେ ଅସବର୍ଣ୍ଣ ଯୁବକଙ୍କୁ ଛୁଆଁ ଅଛୁଆଁ ଭେଦଭାବ ରଖି ମାରପିଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ପୋଲିସ ମାମଲା ରୁଜୁ ନ କରି ଅଣଦେଖା କରିଥିବା ଅଭିଯୋଗ ହେଉଛି। ନ୍ୟାୟ ପାଇଁ ବୁଧବାର ଶରଧାପୁର ବେତେରାସାହିର ୩୦ରୁ ଅଧିକ ମହିଳାପୁରୁଷ ଓ ଛୋଟ ପିଲା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ବୁଧବାର କାର୍ଯ୍ୟାଳୟରେ ଜିଲାପାଳ ନ ଥିବାରୁ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିବା ସହ ଅତିରିକ୍ତ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ଶରଧାପୁର ବେତେରାସାହିର ବିରଞ୍ଚି ନାୟକ ନାମକ ଜଣେ ଯୁବକ ପଣାସଂକ୍ରାନ୍ତିରେ ନିଆଁଗାଡ ଦେଖୁଥିଲେ। ସବର୍ଣ୍ଣଙ୍କ ଭିତରେ ଅସବର୍ଣ୍ଣ ଯୁବକ ପଶି ନିଆଁଗାଡ ଦେଖିବା ଜଣାପଡ଼ିବା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଠାକୁର ଅପୂଜ୍ୟ ହୋଇଗଲେ ବୋଲି ପ୍ରଚାର ହେବା ପରେ ଠେଲାପେଲା ମାରପିଟ୍ ହୋଇଥିଲା। ଏପରିକି ଅସବର୍ଣ୍ଣ ଯୁବକ ନିଆଁଗାଡରେ ପଡିଯିବା ପରେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଭାଡିକିଲା ଗାଁର ସବର୍ଣ୍ଣ ଓ ବେତେରାସାହିର ଅସବର୍ଣ୍ଣ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ଉତ୍ତେଜନା ବଢ଼ିଥିଲା। ପରିସ୍ଥିତି ଏଭଳି ହୋଇଥିଲା ଭାଡିକିଲାର କିଛି ଲୋକ ଅସବର୍ଣ୍ଣଙ୍କ ପରିବାର ଘରେ ପଶି ଭଙ୍ଗାରୁଜା ମାରପିଟ୍ କରିଥିଲେ। ଏ ସମ୍ପର୍କରେ ଅସବର୍ଣ୍ଣମାନେ ଓଡଗାଁ ଥାନା ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲା। ତେବେ ଅସବର୍ଣ୍ଣ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିବା ପରେ ଅଶାନ୍ତି ବଢ଼ିଥିଲା। ଏ ନେଇ ବେତେରାସାହିର ପ୍ରତିଭା ନାୟକ କହିଛନ୍ତି, ସବର୍ଣ୍ଣଙ୍କ ଆକ୍ରମଣ ପରେ ଆମେ ଭୟଭିତ ହୋଇ ଅଛୁ। ଘରୁ ବାହାରକୁ ବାହାରି ପାରୁନାହୁଁ । ଆମ ଉପରେ ଅତ୍ୟାଚାର ବଢୁଛି। ଆମର କିଛି ଲୋକ ନିଖୋଜ ଅଛନ୍ତି। ସେମାନଙ୍କୁ ସବର୍ଣ୍ଣମାନେ ଅପହରଣ କରିଥିବା ଅନୁଭବ କରୁଛୁ। ନ୍ୟାୟ ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ଫେରାଦ୍ ହୋଇଛୁ। ଆଶା ରଖିଛୁ ନ୍ୟାୟ ମିଳିବ। ଅତିରିକ୍ତ ଏସ୍‌ପିଙ୍କ ଆଶ୍ୱସନା ପାଇ ଘରକୁ ଫେରିଛୁ।

# ପର୍ଯ୍ୟଟନ ପୀଠରେ ନିଶା କାରବାର ବୃଦ୍ଧି

ଖଣ୍ଡପଡ଼ା,୧୬।୪
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବ ଜନବିଦିତ। ଏହି ପୀଠକୁ ବର୍ଷର ସବୁ ସମୟରେ ରାଜ୍ୟ ତଥା ବାହାରର ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିବାବେଳେ ଏଠାରେ ଖୁଲମଖୁଲା ନିଶା ବେପାର ଚାଲିଥିବା ସାଧାରଣରେ ଅଭିଯୋଗ ଉଠୁଛି। ବିଶେଷ କରି ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାରଠାରୁ କଣ୍ଟିଲୋ ବଜାର ପର୍ଯ୍ୟନ୍ତ ରାସ୍ତା ନିକଟରେ କିବା ଦିନ ଅବା ରାତିରେ ଏବଂ କଣ୍ଟିଲୋ ନିକଟବର୍ତ୍ତୀ ନାରାୟଣୀଙ୍କ ପୀଠ ନିକଟରେ ରାତି ହେଲେ ନିଶା ବେପାରୀଙ୍କ ସହ ନିଶା ସେବନକାରୀ ବ୍ୟକ୍ତିମାନଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହେଉଛି। ଏକାଧିକବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ବ୍ରାଉନସୁଗାର ଓ ବିଭିନ୍ନ ନିଶା କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ କେତେଜଣ ଯୁବକଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ନିଶା କାରବାରରେ ସମ୍ପୃକ୍ତ ଥିବା କେତେଜଣ ଯୁବକଙ୍କୁ ପୋଲିସ ଧରି ପରବର୍ତ୍ତୀ ସମୟରେ ଛାଡ଼ି ଦେଉଥିବାରୁ ଏ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଶେଷକରି ବୌଦ୍ଧ ଅଞ୍ଚଳରୁ ରୀତିମତ କେତେଜଣ ବ୍ୟକ୍ତି ଗଞ୍ଜେଇ ଧରି କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଚୋରାରେ ବେପାର ଚଳାଇଛନ୍ତି। ପୋଲିସର ନଜର ସେମାନଙ୍କ ଉପରେ କିପରି ପଡୁନି ବୋଲି ଅଭିଯୋଗ ହେଉଛି। ତେବେ ନୀଳମାଧବ ମନ୍ଦିରକୁ ଯିବା ସମ୍ପୃକ୍ତ ରାସ୍ତା ପାର୍ଶ୍ୱରେ ରୀତିମତ ନିଶା ବେପାର ଖୁଲମ ଖୁଲା ଚାଲୁଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ନିଶା ସେବନକାରୀ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ଯୋଗୁ ପଥଚାରୀ ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ବାରମ୍ବାର ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ବିଭାଗୀୟ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନର ଦୃଷ୍ଟିଆକର୍ଷଣ କରୁଥିଲେ ମଧ୍ୟ ଏ ନିଶା ବେପାର ବନ୍ଦ ହେବାର ନାଁ ଗନ୍ଧ ଧରୁନି। ତେବେ ବିଭିନ୍ନ ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ଏସବୁ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଅନେକାଂଶରେ ନିଶା କାରବାର ସାଙ୍ଗକୁ ପର୍ଯ୍ୟଟନ ପୀଠରେ ନିଶା ସେବନକାରୀ ବ୍ୟକ୍ତିଙ୍କ ପ୍ରାଦୁର୍ଭାବରୁ ନିସ୍ତାର ମିଳନ୍ତା ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ସୂଚନା ଦେଇଛନ୍ତି।

# ଯକ୍ଷ୍ମାମୁକ୍ତ ପଞ୍ଚାୟତ ଲକ୍ଷ୍ୟରେ କେନ୍ଦୁଢ଼ିପିରେ ସଚେତନତା

ନୟାଗଡ଼,୧୬।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କେନ୍ଦୁଢିପି ଆୟୁଷ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯକ୍ଷ୍ମା ବିଭାଗ ଓ ସାମାଜିକ ସଙ୍ଗଠନ ସେଣ୍ଟର ଫର ଆସୋସିଏଟେଡ ପ୍ରୋଗ୍ରେସ ସହଯୋଗରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ଅମ୍ବିକା ପ୍ରସାଦ ମିଶ୍ର ଯୋଗଦେଇ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ପର୍କରେ ପରାମର୍ଶ ଦେବା ସହ ରୋଗୀ ନିୟମିତ ଔଷଧ ସେବନ କରିବାକୁ କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ଯୋଗଦେଇ ଯକ୍ଷ୍ମା ରୋଗକୁ ଦୂରେଇ ଦେବାକୁ ତୃଣମୂଳସ୍ତରରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଏପରି କରାଗଲେ ଯାଇ ଆମେ ଯକ୍ଷ୍ମା ଗ୍ରାମ ଅଥବା ପଞ୍ଚାୟତ ପାଇଁ ଚେଷ୍ଟା କରୁଛେ ବୋଲି ଜଣାଯିବ ବୋଲି ବୁଝାଇଥିଲେ। କ୍ୟାପ ଅନୁଷ୍ଠାନର ପ୍ରତିନିଧି ଚୁନା ମହାରଣା ଯୋଗଦେଇ ସମସ୍ତ ଟିବି ରୋଗୀଙ୍କ ପାଇଁ ବିନାମୂଲ୍ୟରେ ନିଦାନ, ଔଷଧ ଯୋଗାଣ ଏବଂ ରୋଗୀଙ୍କ ପୃଷ୍ଟିକର ଖାଦ୍ୟ ପାଇଁ ପ୍ରତି ମାସରେ ଏକ ହଜାର ଟଙ୍କା ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବୁଝାଇ ଥିଲେ। କମ୍ୟୁନିଟି ହେଲଥ ଅଫିସର ଅମ୍ରିତାରାଣୀ, ଆଶା କର୍ମୀ ପ୍ରତିଭା ନାୟକ ଓ ବସନ୍ତ କୁମାର ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।




ସଚେତଚନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

# ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରିବା ଶିଖ




ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ଅନ୍ୟମାନେ।

## ପିଏମଶ୍ରୀ ସୋଲପଟା ହାଇସ୍କୁଲର ବାର୍ଷିକ ଉତ୍ସବ

ଶରଣକୁଳ, ୧୬।୪ (ଦୀପକ କର )

ଶରଣକୁଳ ନିକଟ ପିଏମଶ୍ରୀ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁବେର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଯୋଗଦେଇ ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରତିଟି ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଏମପି ଡ. ସମ୍ବିତ ପାତ୍ର ଯୋଗଦେଇ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା କରିବା ଶିଖ ଏବଂ ପାଠପଢ଼ା ସାଙ୍ଗକୁ ଖେଳକୁଦ ଆଦିରେ ଭାଗ ନେଇ ସ୍କୁଲ ଓ ଜିଲା ପାଇଁ ଗୌରବ ଆଣ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ସବୁ ଶିକ୍ଷୟିତ୍ରୀଶିକ୍ଷକ ନିଜ କର୍ତ୍ତବ୍ୟରେ ଅବହେଳା ନ କରି ଛାତ୍ରୀଛାତ୍ରଙ୍କ ପାଇଁ ଜ୍ଞାନର ମନ୍ଦିର ତୋଳ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଜିଲାପରିଷଦ ସଭ୍ୟା ଚିନ୍ମୟୀ ଦାସ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟ ବିନୟ କୁମାର ବରାଡ, ପଞ୍ଚସଖା ଶିକ୍ଷକ ସେତୁ ସଭାପତି ସୁଶାନ୍ତ କୁମାର ଜେନା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଗିରିଜା ଶଙ୍କର ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅବକାରୀ ବିଭାଗର ଚଢ଼ାଉ, ୪୦ ଲିଟର ମଦ ଜବତ, ୨ ଗିରଫ

ଖଣ୍ଡପଡ଼ା,୧୬।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ବ୍ଲକ ଅଧୀନ ଯୋଗିଆପଲ୍ଲୀ ଓ ଖଣ୍ଡପଡ଼ା ସହରରେ ବୁଧବାର ଅଚାନକ ଚଢ଼ାଉ କରାଯାଇ ୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଚୋରା ଦେଶୀ ମଦ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯୋଗିଆପଲ୍ଲୀ ଗ୍ରାମର ପ୍ରଦୀପ ମଣ୍ଡଳ (୩୫) ଓ ଖଣ୍ଡପଡ଼ାର ବସନ୍ତ ନାଏକ (୫୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଖଣ୍ଡପଡା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ।

# ପିଏମ୍ ସ୍କୁଲରେ ସାମିଲ ହେଲା ରାଧାମୋହନ ଜୀଉ ବିଦ୍ୟାଳୟ

ଦଶପଲ୍ଲା,୧୬।୪
(ପ୍ରକାଶ କୁମାର ପାଣି)

ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପିଏମ୍ ସ୍କୁଲରେ ସାମିଲ୍ କରାଯାଇଛି ବୋଲି କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଘୋଷଣା କରିଛନ୍ତି। ପିଏମ୍ ରାଧାମୋହନ ଜୀୟୁ ନୋଡାଲ ହାଇସ୍କୁଲର କ୍ରୀଡ଼ା ଏବଂ ବାର୍ଷିକ ଉତ୍ସବର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ଯାଗଦାନ କରି ଉତ୍ତମ ଶିକ୍ଷା ଲାଭ କରି ଦେଶର ଟେକ ରଖିବା ଆହ୍ୱାନ ଦେବା ସହ ଉକ୍ତ ହାଇସ୍କୁଲକୁ ପିଏମ୍ ସ୍କୁଲରେ ସାମିଲ୍ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ରୁପେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଇଂ.ଅଶୋକ ଦଳବେହେରା, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ବିଦ୍ୟାଳୟର ସଭାପତି ସୁରେଶ କୁମାର ବେହେରା, ବିଦ୍ୟାଳୟ ପ୍ରତିଷ୍ଠା କମିଟି ସଭାପତି ତାରାକାନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରି ସ୍କୁଲର ସମସ୍ୟା ଉପସ୍ଥାପନ ଥିଲେ । ମୁଖ୍ୟ ଅତିଥି ଉପରୋକ୍ତ ସମସ୍ୟାର ସମାଧାନ ଶୀଘ୍ର କରାଯିବା ବୋଲି ଘୋଷଣା କରିଥିଲେ। ଉତ୍ସବରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦିନ ତମାମ ବିଭିନ୍ନ କ୍ରୀଡା ସହ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।




ଉତ୍ସବରେ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଓ ଅନ୍ୟମାନେ।

# କେଦାରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ଖଣ୍ଡପଡ଼ା,୧୬।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଜଣେ ଜନନେତା ଭାବେ ପରିଚିତ ସାମାଜିକ କର୍ମୀ କେଦାରନାଥ ମହାନ୍ତିଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅତିଥିମାନଙ୍କ ଦ୍ୱାରା କିଆଝର ଗ୍ରାମରେ ଉନ୍ମୋଚିତ ହୋଇଯାଇଛି। କେଦାର ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ କିଆଝରସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରାଜ୍ୟ ଯୁବମୋର୍ଚ୍ଚା ଭାଜପା ଉପସଭାପତି ଅଭିଲାଷ ପଣ୍ଡା, ପୂର୍ବତନ ଏମ୍‌ଏଲ୍‌ଏ ନାରାୟଣ ମହାପାତ୍ର, ଭାଜପା ନେତା ଗୟାଧର ପରିଡା, ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇ ଲୋକପ୍ରିୟ ଜନନେତାଙ୍କ ପ୍ରତିଭା ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ। ମହାନ୍ତିଙ୍କ ପୁତ୍ର ତଥା ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉତ୍ପଳ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅତିଥିମାନେ କେଦାରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ନିର୍ବାଚମଣ୍ଡଳୀରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍‌ଙ୍କ ସମେତ କେଦାରପ୍ରେମୀ ଜନତା ଉପସ୍ଥିତ ଥିଲେ। ସନ୍ଧ୍ୟା ସମୟରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ଶିବିରରେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନୟାଗଡ଼,୧୬।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଲାଠିପଡ଼ାସ୍ଥିତ ମଡେଲ ଡିଗ୍ରୀ କଲେଜରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରାୟୋଜିତ ବାଳିକାମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଶେଷ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମାନସ ରଞ୍ଜନ ଶତପଥି ପ୍ରାରମ୍ଭିକ ଭାଷଣ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ହୋଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସହ ଉଦବୋଧନ ଦେଇ ଆଧୁନିକ ସମୟରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରି କିପରି ନିଜ ଜୀବନରେ ଉପଯୋଗ କରିପାରିବେ ଆଲୋକପାତ କରିଥିଲେୟସେହିପରି ନିଜ ସହ ସମାଜର ଅନ୍ୟମାନଙ୍କୁ ସହାୟତା କରିପାରିବେ, ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲାଠିପଡ଼ା ଗ୍ରାମ୍ୟ କମିଟି ସଭାପତି ଭାଗିରଥୀ ସାହୁ ଯୋଗଦେଇ ସମାଜରେ ନାରୀ ସୁରକ୍ଷାର ଆବଶ୍ୟକତା ଦୃଷ୍ଟିରୁ ମା’ ମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନିତାନ୍ତ ଜରୁରୀ ବୋଲି କହିଥିଲେ। ପ୍ରଶିକ୍ଷଣ ଶିବିରର ସଂଯୋଜିକା ରୀନାବାଳା ଘଡ଼େଇ ବିବରଣୀ ପାଠ କରିଥିବା ବେଳେ ସହ ସଂଯୋଜିକା ଦୀପିକା ରାଣୀ ଡୁରୁକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ପ୍ରତିନିଧି ସ୍ୱର୍ଣ୍ଣପ୍ରଭା ଗଉଡ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ମହାପାତ୍ର, ଡ. ଜ୍ୟୋସ୍ନାରାଣୀ କରଙ୍କ ସହ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# ଅର୍ପଣକୁ ୩ ବର୍ଷ: ରଥଯାତ୍ରା ପାଇଁ କଟାଗଲା ଫାଁସି ଗଛ

ଗଣିଆ ୧୬।୪
(ସନ୍ତୋଷ କୁମାର ପ୍ରଧାନ)



ରଥଯାତ୍ରା ଲାଗି ଫାଁସି ଗଛକୁ ପୂଜାର୍ଚ୍ଚନା କରାଯାଉଛି।

ଜଗତରନାଥ ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ପ୍ରତିବର୍ଷ ନୟାଗଡ଼ ଜିଲା ଗଣିଆ ବ୍ଲକର ବଡ଼ମୂଳସ୍ଥିତ ମା’ ବଡ଼ରାଉଳଙ୍କ ପୀଠରେ ରଥକାଠ ଛେଦନ ପାଇଁ ଅନୁକୂଳ କରାଯାଏ। ପୂଜାର୍ଚ୍ଚନା ପରେ ରଥକାଠ ଛେଦନ କାର୍ଯ୍ୟ ଆରମ୍ଭ ହୋଇଥାଏ। ପର୍ଯ୍ୟାୟକ୍ରମେ ଦଶପଲ୍ଲା ବନାଞ୍ଚଳରୁ ରଥକାଠ ରଥଖଳାକୁ ପଠାଯାଇଥାଏ। ଗଣିଆ ବ୍ରାହ୍ମଣ ସାହିର ମଳୟ କୁମାର ଦାଶଙ୍କ ବାଡ଼ିରେ ଥିବା ଏକ ବଡ଼ ଫାଁସି ଗଛକୁ ଗତ ୩ ବର୍ଷ ହେଲା ରଥ ନିର୍ମାଣ ନିମନ୍ତେ ଦାନ କରିଥିଲେ। ରଥ କାଠ ପାଇଁ ଚିହ୍ନଟ ପରେ ଉକ୍ତ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ରଥକାଠ ପାଇଁ ଅଭାବ ରହିଥିବା ବେଳେ ଦାନ କରାଯାଇଥିବା ଗଛକୁ ୩ବର୍ଷ ହେଲା କଟା ନ ଯିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଏ ନେଇ ଚଳିତବର୍ଷ ଉକ୍ତ ଗଛକୁ କଟାଯିବାକୁ ନୟାଗଡ଼ ବନ ବିଭାଗ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବୁଧବାର ଗଣିଆ ବନ ବିଭାଗ ଓ ପୁରୀ ପ୍ରଶାସନ ପକ୍ଷରୁ ଏହି ଫାଶୀ ଗଛକୁ ଛେଦନ କରାଯାଇ ପୁରୀ ଯାଇଥିଲା। ଦୀର୍ଘ ୩ ବର୍ଷ ପରେ ଫାଶୀ ଗଛକୁ ବନ ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ କାଟି ଥିବାରୁ ଗଣିଆର ମଳୟ କୁମାର ମିଶ୍ର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶ୍ରୀରାମଙ୍କ ସହ ସୀତା,ଲକ୍ଷ୍ମଣଙ୍କ ବନ ଗମନ

## ଲଙ୍କାପୋଡ଼ି ଯାତ୍ରର ୩ୟ ଦିବସ

ଗଣିଆ,୧୬।୪(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବିରାଜିତ ଶ୍ରୀ ରଘୁନାଥଜୀଉଙ୍କ ଲଙ୍କାପୋଡ଼ି ଯାତ୍ରାର ୩ୟ ଦିବସରେ ଶ୍ରରାମଙ୍କ ବନବାସ ପ୍ରସଙ୍ଗ ମଞ୍ଚସ୍ଥ ହୋଇଥିଲା। ବିକ୍ରମ ନରେନ୍ଦ୍ର ଭଣିତ ଅରଣ୍ୟକାଣ୍ଡର ଆରମ୍ଭରେ ରାମଲୀଳା ଦେଖୁଥିବା ଦର୍ଶକମାନଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଅଯୋଧ୍ୟା ରାଜ୍ୟର ରାଜ ସିଂହାସନର ସୁଯୋଗ୍ୟ ଉତ୍ତରାଧିକାରୀ ଶ୍ରୀରାମଙ୍କ ନାମ ଘୋଷଣା କରିବା ପରେ ସାରା ରାଜ୍ୟ ପ୍ରଜାମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା। କିନ୍ତୁ ବିଧିରବିଧାନ ବଡ଼ ବିଚିତ୍ର। ଦେବଲୋକରେ ଭାଳେଣୀ ପଡ଼ିଯାଏ ଯଦି ଶ୍ରୀରାମ ରାଜସିଂହାସନରେ ବସନ୍ତି ତେବେ ଅସୁରକୁ କିପରି ନିଧନ କରାଯାଇ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରାଯିବ। ଏଣୁ ବ୍ରହ୍ମାଙ୍କ ପରାମର୍ଶ କ୍ରମେ ଦେବୀ ସରସ୍ୱତୀ ଅଯୋଧ୍ୟା ରାଜ୍ୟର ଦାସୀ ମନ୍ଥରା କଣ୍ଠରେ ଆର୍ବିଭାବ ହୁଅନ୍ତି। ଦାସୀ ମନ୍ଥରାର କୁମନ୍ତ୍ରଣାରେ ପରିଚାଳିତ ହୁଅନ୍ତି ରାଣୀ କୈକେୟୀ। ଏକଦା ରାଜା ଦାଶରଥଙ୍କ ସମ୍ବରାସୁର ଯୁଦ୍ଧ ସମୟରେ ରାଣୀ କୈକେୟୀଙ୍କ ସହାୟତାରେ ସମ୍ବରାସୁରକୁ ବଧ କରିଥିଲେ। ଏଥିରେ ଦଶରଥ ପ୍ରୀତ ହୋଇ କୈକେୟୀଙ୍କୁ ୨ଟି ବର ଦେଇଥିଲେ। ଯାହାକୁ କୈକେୟୀ ଆବଶ୍ୟକ ସମୟରେ ମାଗିବେ ବୋଲି କହିଥିଲେ। ସମୟାନୁକ୍ରମେ ମନ୍ଥରାର କୁମନ୍ତ୍ରଣାରେ ଏହି ଅବସରେ ରାଣୀ କୈକେୟୀ ରାଜା ଦଶରଥଙ୍କୁ ବିଗତ ଦିନର କଥା ମନେ ପକାଇ ବର ମାଗି ବସନ୍ତି। ପ୍ରଥମ ବରରେ ଶ୍ରୀରାମ ୧୪ବର୍ଷ ବନବାସ କରିବେ ଓ ୨ୟ ବରରେ ଭରତ ଅଯୋଧ୍ୟାର ରାଜା ହେବେ। ଅତଏବ ସମଗ୍ର ରାଜ ପରିବାର ସହିତ ସାରାରାଜ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଗଲା। ରାଜ୍ୟର ସମସ୍ତ ପ୍ରଜା ଏହା ଶୁଣି ସ୍ତମ୍ଭୀଭୂତ ହୋଇଗଲେ। ଅତଏବ ପିତୃସତ୍ୟ ପାଳି ଶ୍ରୀରାମ ବନବାସ ନିମନ୍ତେ ପ୍ରସ୍ତୁତ ହୁଅନ୍ତି। ତାଙ୍କ ସହିତ ଦେବୀ ସୀତା ମଧ୍ୟ ଶ୍ରୀରାମଙ୍କ ସହିତ ବନକୁ ଯିବାକୁ ବାହାରନ୍ତି। ରାଣୀ ସୁମିତ୍ରାଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମଣ ଜ୍ୟେଷ୍ଠଭ୍ରାତା ଶ୍ରୀରାମ ଓ ଦେବୀ ସୀତାଙ୍କ ସେବା ନିମନ୍ତେ ବନକୁ ଗମନ କରନ୍ତି। ଫଳରେ ଶୋକଗ୍ରସ୍ତ ରାଜ୍ୟର ସମସ୍ତ ପ୍ରଜା ଶ୍ରୀରାମଙ୍କୁ ଅନୁଗମନ କରନ୍ତି। ମଧ୍ୟରାତ୍ରରେ ସମସ୍ତ ପ୍ରଜା ଶୋଇଥିବା ସମୟରେ ସାରଥି ସୁମନ୍ତକୁ ରଥ ସହିତ ଫେରାଇ ଦେଇ ସରଜୁ ନଦୀ ପାର ହୋଇ ଚିତ୍ରକୁଟରେ ବନବାସ ଆରମ୍ଭ କରନ୍ତି। ଏପଟେ ପୁତ୍ରର ବନବାସ ଦୁଃଖକୁ ସହ୍ୟ କରି ନ ପାରି ରାଜା ଦଶରଥ ପରଲୋକ ଘଟିଛି।



ଲଙ୍କାପୋଡ଼ି ଯାତ୍ରାର ୩ୟ ଦିବସରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ବନଗମନର ଦୃଶ୍ୟ।

# ବିଦ୍ୟାଳୟରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ର ଓ ଅଭିଭାବକ।

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି ଜୋର ଧରିଲା

**ଦଶରଥପୁର,୧୬।୪ (ସୁଶାନ୍ତ କୁମାର ବେହୁରିଆ) :**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଚଁଶାଖଣ୍ଡ ପଞ୍ଚାୟତ କଂସାଭିହ ଶ୍ରୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନାଦି ଚରଣ ଜେନାଙ୍କ ବଦଳି ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବୁଧବାର ଧାରଣ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକଳାପ ଓ ବ୍ୟବହାରରେ ସେମାନେ ଅତିଷ୍ଠ ବୋଲି କହିଛନ୍ତି। ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ନାନା ଅଭିଯୋଗ ଆଣିଛନ୍ତି। ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନକୁ ଆତ୍ମସାତ୍ କରୁଛନ୍ତି । ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଣ୍ଡଳ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଫଳରେ ସେମାନେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି ଛାତ୍ରୀଛାତ୍ର ଓ ଅଭିଭାବକମାନେ କହିଛନ୍ତି। ବ୍ଲକ ଅତିରିକ୍ତ ଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ ପହଞ୍ଚି ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିବା ସହିତ ଖୁବ ଶୀଘ୍ର ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଚଁଶାଖଣ୍ଡ ସରପଞ୍ଚ ପ୍ରତିଭା ମଲିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ଘଡ଼ାଇ,ସଭ୍ୟ ବିଶ୍ୱରଞ୍ଜନ ସେଠୀ , ୱାର୍ଡ ସଭ୍ୟ ହାଡ଼ିବନ୍ଧୁ ସେଠୀ, ଗୀତାଞ୍ଜଳି ଘଡ଼ାଇ, ଜୟନ୍ତୀ ବେହେରା,ସତ୍ୟାନନ୍ଦ ରାଉତ,ରାଜକୁମାର ସେଠୀ, ରମେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏହି ଧାରଣାରେ ସାମିଲ ହୋଇଥିଲେ।

# ଇଡିର କାର୍ଯ୍ୟାନୁଷ୍ଠାନକୁ ବିରୋଧକରି ଜିଲା କଂଗ୍ରେସର ବିକ୍ଷୋଭ



ଜିଲା କଂଗ୍ରେସ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ,୧୬।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି) :**

ଇଡ଼ି ଓ ସିବିଆଇ କଂଗ୍ରେସ ଦଳର ଶୀର୍ଷ ନେତୃତ୍ୱଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିଛନ୍ତି। ନିକଟରେ ଇଡି ପୁନର୍ବାର କଂଗ୍ରେସ ଦଳର ଶୀର୍ଷ ନେତୃତ୍ୱ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ସମନ ଜାରି କରାଯାଇଛି। କେନ୍ଦ୍ରରେ ଥିବା ନରେନ୍ଦ୍ର ମୋଦୀ ସରକାର ସମଗ୍ର ଭାରତ ବର୍ଷରେ କଂଗ୍ରେସ ଦଳକୁ ନିନ୍ଦିତ କରିବାକୁ ଇଡି ଜରିଆରେ ସମନ ଜାରି କରୁଛି। ଏହା ଦ୍ୱାରା ମୋଦୀ ସରକାରଙ୍କ ଅପଚେଷ୍ଟା ଚଳାଉଛନ୍ତି ତାକୁ ଭାରତ ବର୍ଷର ସଭ୍ୟ ସମାଜ ଗ୍ରହଣ କରିପାରିବ ନାହିଁ। ଏହାକୁ ନେଇ କଂଗ୍ରେସ ଦଳ ରାସ୍ତାକୁ ଓହ୍ଲାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ଭାରତ ସଞ୍ଚାର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରାଯିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏବଂ ଇଡି ଆକ୍ରୋଶ ମୂଳକ କାର୍ଯ୍ୟରୁ ନିବୃତ୍ତ ନ ରହିଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଜିଲା କଂଗ୍ରେସ ସଭାପତି ରାଉତ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ଅଜୟ ସାମଲ, କନକଲତା ମଲିକ, କିଷାନ ପଣ୍ଡା, ବିଭୂତି ମହାପାତ୍ର, ବସନ୍ତ ପରିଡା, ବିଳାସ ରାଉତ, କେଶବ ରାଉତ, ଅକ୍ଷୟ ଶତପଥୀ, ମାନସ ପଣ୍ଡା, ମହେଶ୍ୱର ମହାପାତ୍ର, ରଘୁନାଥ ସାହୁ, ବିଜୟ ମହାପାତ୍ର, ନିକୁଞ୍ଜ ସାମଲ, ଚାନ୍ଦ ଖାଁ, ପ୍ରକାଶ ଦାସ, ସରୋଜ ନାୟକ, ଅବଦୁଲ ରୌଫ ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଜିଲାସ୍ତରୀୟ ବୃତ୍ତିଗତ ସିଦ୍ଧାନ୍ତ ପରାମର୍ଶ କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୧୬।୪ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି) :**

ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଲାଭାର୍ଥିଙ୍କ ଭବିଷ୍ୟତ ଥଇଥାନ ଉଦ୍ଦେଶ୍ୟରେ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆଜିର ପିଲାମାନେ ଦେଶର ବିକାଶର ପ୍ରମୁଖ ଭିତ୍ତିଭୂମି। ନିଜର ଆଗ୍ରହ ଓ ବିଶେଷଜ୍ଞମାନଙ୍କ ପରାମର୍ଶ ନେଇ ଉପଯୁକ୍ତ ପାଠ୍ୟକ୍ରମରେ ନାମଲେଖାଇଲେ ପିଲାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେଣ୍ଟୁନା ଜେନା, ଓରମାସ ଜିଲା ପରିଚାଳକ ବିକାଶ ରଞ୍ଜନ ରାଉତ, ଜିଲା ପଞ୍ଚାୟତ ସାଧନକେନ୍ଦ୍ରର ପ୍ରିୟବ୍ରତ ପତି, କନିଷ୍ଠ ନିୟୋଜନ ଅଧିକାରୀ ହରିହର ମହାପାତ୍ର ପ୍ରମୁଖ ଯୋଗଦେଇ ବୃତ୍ତିଗତ ପରାମର୍ଶର ଗୁରୁତ୍ୱ ଉପରେ ଆଲୋଚନା ସହ ପ୍ରଶିକ୍ଷଣ ଓ ନିଯୁକ୍ତି କ୍ଷେତ୍ରରେ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଗଡିସ୍ଥିତ ସରକାରୀ ପଲିଟେକନିକ ର ବୈଦ୍ୟୁତିକ ବିଭାଗଙ୍କର ବିଭାଗୀୟ ମୁଖ୍ୟ ନୃସିଂହ ଚରଣ ବେହେରା ଓ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର କାଳୀ ପ୍ରସାଦ ସାହୁ, ପ୍ରମିଳା ସାହୁ, ସତ୍ୟ ଜିଜ୍ଞାସା ବେହେରା, ସରୋଜ ପରିଡା, ବିଶ୍ୱନାଥ ଦାସ ଓ ସଂଯୋଗ ଅନୁଷ୍ଠାନର ରୁପାଲୀ ଓ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ମେସର୍ସ ମେଡିଆଡ଼ କମ୍ପାନୀକୁ ବିରୋଧ

**ଜେନାପୁର,୧୬।୪(ଅଶୋକ ଦାସ )**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଏଣ୍ଡଲବା ପଞ୍ଚାୟତର ଟେଣ୍ଟଳ ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ମେଡିଆଡ଼ କମ୍ପାନୀକୁ ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ଆୟୋଜିତ ଜନ ଶୁଣାଣୀ ଶିବିରରେ ଘୋର ବିରୋଧ କରାଯାଇଛି। ଏହି କମ୍ପାନୀ ଡାକ୍ତରଖାନାର ଜୈବ ବର୍ଜ୍ୟବସ୍ତୁ ନଷ୍ଟ ଏବଂ ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବା ପାଇଁ ଏକ କାରଖାନା ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ପାଇଥିଲା । ହେଲେ କମ୍ପାନୀ ତିଆରି ହେବା ଜାଗାକୁ ସ୍ଥାନୀୟ ଲୋକମାନେ ବିରୋଧ କରିଥିଲେ। ଶୁକ୍ରବାର ମାଲହାଟଠାରେ ଏହି ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଉପସ୍ଥିତ ଅଧିକାରୀମାନଙ୍କଠାରୁ ସମସ୍ତ ତଥ୍ୟ ଶୁଣିବା ପରେ ସ୍ଥାନୀୟ ମହିଳା ଓ ପୁରୁଷ ଏହାର ଘୋର ବିରୋଧ କରିଥିଲେ। ୧୧ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ ପ୍ରଥମେ ବିରୋଧ କରିବାରୁ ତାଙ୍କ ସମର୍ଥନରେ ସମସ୍ତ ଲୋକ ବାହାରି ଏହାର ଘୋର ବିରୋଧ କରିବା ସହ ଉକ୍ତ ପଞ୍ଚାୟତରେ ମେଡିକାଲର ଆବଶ୍ୟକ ରହିଛି, ମେଡିକାଲ ହେଲେ ଆମେ ସମସ୍ତେ ସହଯୋଗ କରିବୁ ବୋଲି କହିବା ସହ ଜନଶୁଣାଣୀ ବୈଠକ ଛାଡି ବାହାରେ ଧାରଣା ଦେଇଥିଲେ। ପରେ ଅଧିକାରୀମାନଙ୍କୁ ଲୋକମାନେ ସେଠାରୁ ଛାଡି ଚାଲିଯିବା ପାଇଁ କହିବା ସହ ହଲ ଭିତରେ ପସି ଚେୟାର ଫିଙ୍ଗା ଫୋପଡ଼ା କରି ବିରୋଧ କରିଥିଲେ । ଲୋକଙ୍କ ଉତ୍ତେଜନା ପରେ ବାଧହୋଇ ଉପସ୍ଥିତ ସମସ୍ତ ଅଧିକାରୀ ଜନଶୁଣାଣୀକୁ ବନ୍ଦ କରି ସଭା ଛାଡ଼ି ପଳାଇଥିଲେ ।


## WATCO
### OFFICE OF THE MANAGING DIRECTOR, WATCO

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: mdwatcoodisha@gmail.com

No.C-87 **INVITATION FOR BID (IFB)**

Bid Identification No. WATCO (W)-2/2025-26, Dtd.11.04.2025
WATCO No.2675, Date:11.04.2025

1. Name of the Work : Provision for Laying of Water Supply pipe line to RITI Building alongwith improvement of water supply of ROTI campus including Laying of 250mm dia. Rising Main from Ghatikia MBR to Sampur Pumping Station under WATCO Section Ghatikia, Bhubaneswar.
2. Estimated Cost : Rs.566.09 lakh
3. Period of Completion : 09 (Nine) Months.
4. Date & Time of availability of bid document in the portal: From 11.00 AM of Dt.16.04.2025 to 5.00 PM of 30.04.2025.
5. Last date/time of receipt of bids in the portal: 5.00 PM of 30.04.2025.
6. Date & Time of opening of technical bids: 12.30 PM of 02.05.2025.
7. Name and address of the Officer Inviting Bid: MD, WATCO, Telefax:- 0674-2391444, E-Mail: mdwatcoodisha@gmail.com.
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd./- (Managing Director) WATCO
OIPR-13083/11/0006/2526

## GOVERNMENT OF ODISHA
### "e" PROCUREMENT NOTICE
### Bid Identification No. 01 of 2025-26

No. O-49: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-Procurement in Double Cover System according to norm of e-Procurement system in online mode for the different work in different blocks under Balangir district.

01. Nature of Work : Execution of RPWS to Village: Padampur, Katapali under Belpada Block in Balangir District.
02. Total No. of Work : 02 Nos.
03. Estimated Cost : Rs.51.62 Lakh & 172.87 lakh
04. Eligible Class of Contractor : "B" & "A" Contractor
05. Period of Completion : 11 Months
06. Other Details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 01 of 2025-26 | Dt.17.04.2025 At 11.00 Hrs. | Dt.29.04.2025 Upto 17.00 Hrs. |

Further details can be had in the DTCN available in the website: **www.tendersodisha.gov.in**.

Sd./- Superintending Engineer RWS&S Division, Balangir
OIPR-25033/11/0017/2526

## boyanika
### EXPRESSION OF INTEREST

No. CAD-137

**No.1194** **Dt.11.04.2025**

| Superintending Engineer, RWSS Division, Balangir | 01 of 2025-26 | Dt.17.04.2025 At 11.00 Hrs. | Dt.29.04.2025 Upto 17.00 Hrs. |

Further details can be had in the DTCN available in the website: **www.tendersodisha.gov.in**.
Sd./- Superintending Engineer RWS&S Division, Balangir
OIPR-25033/11/0017/2526

## boyanika
### EXPRESSION OF INTEREST
No. CAD-137
**No.1194** **Dt.11.04.2025**
**Name of the work:-**Expression of Interest for Engagement of professional agency for Product Photoshoots & Graphic Designing for Boyanika. **The last date & time for submission of offers 25.04.2025 at 5.00 P.M.** Refer website for details- **www.boyanika.com**. All the information on this EOI will be available in the above website from 12.04.2025.
Sd/- Managing Director BOYANIKA
OIPR-31004/11/0099/2526

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
### ଜଟଣୀ ପୌର ପରିଷଦ, ଜଟଣୀ
### OFFICE OF THE MUNICIPAL COUNCIL: JATANI
ସ୍ଥାନ:ଜଟଣୀ, ଜିଲ୍ଲା–ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone No.0674-2490826
No.2056/Jatani, Date:08.04.2025
**QUOTATION CALL NOTICE**

**No.C-107:**Sealed quotation in prescribed format is invited from the registered Firms/ Suppliers/ Agencies for supply of different items with execution of networking system (LAN Connection) in respect of all sections under Jatni Municipality for smooth implementation of "OSWAS" as per the detailed specification mentioned in "Annexure-A". The Bids can be submitted through tender box/Speed Post/ Registered post/Courier Post to the Executive Officer, Jatni Municipality from **11.30 A.M of dt. 08.04,2025** to on or before **11.30 A.M of dt. 17.04.2025**. The authority will not be held responsible for the postal delay, if any, in the delivery of the documents or non-receipt of the same and the same shall be **opened on dt. 17.04.2025 at 03.30 P.M.** in presence of the bidders or their authorized agents present in the Office chamber of the undersigned. The bid document can also be downloaded from the official website of Jatni Municipality i.e **www.jatnimunicipality.in.**

The authority reserves the right to reject any or all the tenders without assigning any reason thereof.

**Document to be submitted by the bidders with Prescribed proforma:-**
1. Submit the copies of valid GST Registration certificate of the agency
2. Submit the copies of valid PAN Card,
3. Submit refundable EMD of Rs.2,000/- (Two Thousand) only & Document cost/ paper cost of Rs. 500/- (Rupees Five Hundred) only in shape of BD/DD/MR from any Nationalized Bank in favour of Executive Officer, Jatni Municipality.
4. Submit undertaking for 01 year maintenance of networking system.

**Note:-**
1. The selected agency will completed the work within 07 days.
2. The selected agency will held responsible for maintainance & repairing of networking system for 01 year.

OIPR-13041/11/0030/2526 Sd./- Executive Officer, Jatni Municipality

## GOVERNMENT OF ODISHA
E-procurement notice
### OFFICE OF THE SUPERINTENDING ENGINEER : SONEPUR (R&B) DIVISION, SONEPUR
E-mail - eepwdsnpr@gmail.com, Phone -06654-221081
**CANCELLATION OF**
**BID IDENTIFICATION No.SE/R&B/SNPR/07/2024-25**
**Letter No. 1340//Dt. 10.4.25**
**No.B-29 : The bids for the following works are here by cancelled for want of administrative approval.**
1. Construction of Peddy Procurement Center at Panchamahala, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_16)
2. Construction of Peddy Procurement Center at Bisipada, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_17)
3. Construction of Peddy Procurement Center at S.Patrapali, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_18)
4. Construction of Peddy Procurement Center at Mahada, Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_19)
5. Construction of Peddy Procurement Center at Ullunda Block in the District of Subarnapur for the year 2024-25 (Tender ID: 2024_EICCL_106054_20)
6. Construction of Peddy Procurement Center at Village Uffula, Birmaharajpur Block in the District of Subarnapur (Tender ID: 2024_EICCL_106054_21)
7. Construction of Peddy Procurement Center at Village Mursundhi, Birmaharajpur Block in the District of Subarnapur (Tender ID: 2024_EICCL_106054_22)
8. Construction of Peddy Procurement Center at Village Khandahota, Birmaharajpur Block in the District of Subarnapur (Tender ID: 2024_EICCL_106054_23)
9. Construction of Peddy Procurement Center at Village Pitamahul, Birmaharajpur Block in the District of Subarnapur (Tender ID: 2024_EICCL_106054_24)

Sd./- Superintending Engineer Sonepur (R&B) Division, Sonepur
OIPR-34081/11/0019/2526

## idco | ODISHA NEW OPPORTUNITIES
### ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO, IDCO Towers, Janpath, Bhubaneswar-751022, Odisha, India
+91-0674-2541525, 2540820 | Fax:2542956/2541982
cgmpc@idco.in | Website:www.idco.in
File No.IDCO/H.O/FD/773/2024-25/10561 Date:11.04.2025
**BID IDENTIFICATION NO. P&C/EST/E-02/2025-26**
**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA**
**No.CAD-144:** Odisha Industrial infrastructure Development Corporation (IDCO) invites technical and financial proposals from CAG Empanelled Chartered Accountant Firms for **"Appointment as Statutory Auditor for Financial Year 2024-25"**. The detailed Request for Proposal (RFP) document can be downloaded from e-procurement portal of Govt. of Odisha from **5 PM of 17.04.2025**. The last date of receipt of technical and financial bids through e-procurement portal of Govt. of Odisha is **24.04.2025** till **5 PM.**

The technical bids will be opened online on **25.04.2025** at **12.30 PM**. The cost of the bid document shall be Rs.472/- including GST. IDCO has the right to accept or reject the Notice/RFP without assigning any reasons thereof.
OIPR-14003/11/0133/2526 Sd./-Chief General Manager (P&C)

## GOVERNMENT OF ODISHA
E-procurement notice
### OFFICE OF THE SUPERINTENDING ENGINEER : SONEPUR (R&B) DIVISION, SONEPUR
E-mail - eepwdsnpr@gmail.com, Phone -06654-221081
**CANCELLATION OF**
**BID IDENTIFICATION No.SE/R&B/SNPR/07/2024-25**
**Letter No. 1311//Dt. 09.4.25**
**No.B-30 : The bids for the following works are here by cancelled for want of administrative approval.**
1. Construction of Peddy Procurement Center at Village Bisimunda in Sonepur Block in the District of Subarnapur (Tender ID: 2024_EICCL_106054_4)
2. Construction of Peddy Procurement Center at Village Kalapathar in Sonepur Block in the District of Subarnapur (Tender ID: 2024_EICCL_106054_7)

Sd./- Superintending Engineer Sonepur (R&B) Division, Sonepur
OIPR-34081/11/0018/2526

## GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH
No.O-52
AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com
**No. Tender Online - RWCCESNG - 04 of 2025-26, Letter No. 997 / Dtd. 11.04.2025**
**e-Procurement NOTICE**
1. Type of the Work : Road and Bridge (MMSY), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 04 of 2025-26 | 22.04.2025 11:00 A.M. | 07.05.2025 5:00 P.M. | 06.05.2025 5:00 P.M. | 08.05.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in
Sd./- Chief Construction Engineer Rural Works Circle, Sundargarh
OIPR-25133/11/0044/2526

## GOVERNMENT OF ODISHA
### OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR
NATIONAL COMPETITIVE BIDDING THROUGH e-PROCUREMENT
No.C-98 Invitation for REQUEST FOR PROPOSAL (RFP) DT.04.04.2025

| SN | Name of the Project | Bid ID No. | Bid Security (in Rs.) | Cost of RFP Document (in Rs.) | Assignment Period |
|---|---|---|---|---|---|
| 1 | Request for Proposal (RFP) for "Selection of Consultant for Setting up PMU for Planning, Project Management, Policy Support, Implementation of Central and State Government Urban Water Supply Projects in Odisha, Coordination and Monitoring Support to PHEO, OWSSB & WRU Cell". | EICPH-01/ 2025-26 | 2,35,000.00 | 10,000.00 | 12 (Twelve Months) |

The complete RFP document can be viewed/downloaded from e-procurement portal of the State Government **https://tendersodisha.gov.in** from **16.04.2025 (11.00 Hrs. IST) to 08.05.2025 (17.00 Hrs. IST)**. RFP must be submitted online. RFP through any other mode shall not be entertained.
**Name & Address of the Officer Inviting RFP :**
**The Engineer-in-Chief (PH), 1st Floor, Unnati Bhawan, Satyanagar, Bhubaneswar-751 007, Dist. Khordha, Odisha.**
**Phone No.0674-2575309, email: eicphodisha@gmail.com**
Interested bidders may download the Request for Proposal Documents (the **"RFP"** document) from the above website to see further details for participation in the online bidding.
**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**
OIPR-13068/11/0005/2526 Sd./- ENGINEER-IN-CHIEF (PH)

## OFFICE OF THE REGULATED MARKET COMMITTEE, KHARIAR ROAD
At - Khariar Road, PO - Khariar Road, Dist. : Nuapada (Odisha)
**No.H-02** e-mail id : rmckariarroad@gmail.com
**Tender call notice no. 194 dated : 11.04.2025**
**Bid Identification No-01 e-Procurement Notice No.01 of 2025-2026**
**e-procurement notice IFB (Invitation for bids)**

| Sr. No. | Item | Details |
|---|---|---|
| 1 | The Collector, Nuapada-Cum-Chairman, RMC Khariar Road invites percentage rate bids in Double/Single cover system in ONLINE MODE only for work as detailed below : | |
| 2 | Nature of the work | Construction of 50 MT Godown and Office building works at different PACS in Nuapda district |
| 3 | No. of work | 16 No. |
| 4 | Bid Cost | Rs 6000.00 online transfer |
| 5 | Value of Tender | Rs 494.69 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt. 15.04.2025 to 01.05.2025 |
| 8 | Last date/time of Receipt of bids in the portal | Dt. 01.05.2025 up to 5.00 P.M. |
| 9 | Date of opening of bid | Dt. 02.05.2025 at 10.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any Addendum/Corrigendum/ Cancellation of the Tender etc can also be seen in the website : https://tendersodisha.gov.in | |

Sd./- Collector, Nuapada-cum-Chairman, RMC, Khariar Road
OIPR-01511/11/0008/2526

## OFFICE OF THE BARIPADA MUNICIPAL COUNCIL, BARIPADA
Phone:-06792-252703, Fax:06792-252703, Email:baripadam.hud@nic.in
Website:www.baripadamunicipality.in
No.696, Date:11.04.2025
**Tender Reference No.BPDM 1 of 2025-26 and BPDM 2 of 2025-26**
**CORRIGENDUM DETAILS**
**No.C-113:**In partial to this Office "e" Procurement Tender Reference No. BPDM 1 of 2025/26 and No.BPDM 2 of 2025/26 the extension of last date and time submission of bids required due to unavoidable technical reason.

| Sl. No. | Description | Previously Critical Dates | Presently changed to Critical Dates |
|---|---|---|---|
| (i) | Period of availability of tenders online for bidding | From Dt.22.03.2025 (01.00 P.M.) to Dt.15.04.2025 (01.00 P.M.) & From Dt.24.03.2025 (01.00 PM) to Dt.15.04.2025 (01.00 P.M.) | From Dt.22.03.2025 (01.00 PM) to Dt.19.04.2025 (05.00 P.M.) |
| (ii) | Last Date and Time of bidding online (submission of Bids/ | Dt.15.04.2025 (01.00 P.M.) | Dt.19.04.2025 (05.00 P.M.) |
| (iii) | Date and Time of opening of the Bid Received online | Dt.16.04.2025 (10.30 A.M. onwards) | Dt.21.04.2025 (10.30 A.M. onwards) |

The Tender Call Notice vide e_procurement Tender Reference No.BPDM-01 of 2025-26 and Tender Reference No.BPDM-02 of 2025-26 are being amended to the above extent through this 2nd Corrigendum.
All other terms and conditions are remain unchanged. Further details may also be seen from the procurement portal i.e. www.tendersorissa.gov.in.
OIPR-13078/11/0036/2526 Sd./- Executive Officer, Baripada Municipality

## ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD: BHUBANESWAR-14
Letter No. INVITATIONS FOR BIDS (IFB) Date:11.04.2025
No.CAD-140: **NOTICE INVITATION FOR BIDS (NIFB)**
**E-Procurement Notice No.BP-I/02/2025-26 dt.11.04.2025**
1.Nature of Work: Balance work, Development work and Repair and Renovation works., 2. Total No. of Work: 04 Nos., 3. Value of Works: Rs.39.24 lakhs to 229.00 lakhs., 4. Bid Security: As per NIT., 5. Class of Contractor: As per NIT., 6. Period of Completion: 11 (Eleven) Months., 7. Other details as follows:

| Procurement Officer | Bid Identification No. | Availability of Bid Online | | Date, Time & Place of Opening of Tender |
|---|---|---|---|---|
| Superintending [illegible] | [illegible]/02/2025-26 Dt.11.04.2025 | From 19.04.2025 | To 28.04.2025 | 11.30 Hours of dt.29.04.2025 in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.etenderodisha.gov.in**
OIPR-37002/11/0056/2526 Sd./- Superintending Engineer, O.T.D.C. Ltd., BBSR

See Career Appointment on every Wednesday & Saturday

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟାକଲେ ୟୁଟ୍ୟୁବର

## ତଣ୍ଟି ଚିପି ହତ୍ୟା ପରେ ଡ୍ରେନ୍‌ରେ ଫିଙ୍ଗି ଦେଇଥିଲେ


ୟୁଟ୍ୟୁବର ରବିନା ଓ ସୁରେଶ।

ଭିୱାନି(ହରିୟାଣା),୧୬।୪

ୟୁଟ୍ୟୁବ୍‌ରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହେବାର ନିଶା ତାଙ୍କୁ ଘାରି ଥିଲା। ଏପରି କି ସ୍ୱାମୀ ଏବଂ ପରିବାର ଲୋକଙ୍କ ବାରଣକୁ ମଧ୍ୟ ସେ ଶୁଣୁ ନ ଥିଲେ। ଇନ୍‌ଷ୍ଟାଗ୍ରାମରୁ ପରିଚିତ ହୋଇଥିବା ଅନ୍ୟ ଜଣେ ୟୁବ ୟୁଟ୍ୟୁବ୍‌ରଙ୍କ ସହ ମିଶି ଏକାଧିକ ଭିଡିଓ କରିଥିଲେ। ସମୟକ୍ରେମ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦିନେ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖି ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ। ସ୍ୱାମୀଙ୍କୁ ଓଢ଼ଣିରେ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଣାକୁ ଲୁଚାଇବା ଉଦ୍ଦେଶ୍ୟରେ ପ୍ରେମିକଙ୍କ ସହ ମିଶି ମୃତଦେହ ନେଇ ଡ୍ରେନ୍‌ରେ ପକାଇଦେଲେ। ଏଭଳି ଏକ ଘଟଣା ହରିୟାଣା ଭିୱାନିରେ ଘଟିଥିବାବେଳେ ଏବେ ପୋଲିସ ଉଭୟ ୟୁଟ୍ୟୁବ୍‌ର ଏବଂ ତାଙ୍କ ପ୍ରେମିକଙ୍କୁ ଗିରଫ କରି ଜେଲ ପଠାଇଛି।

ମିଳିଥିବା ସୂଚନାନୁସାରେ, ୟୁଟ୍ୟୁବ୍‌ର ରବିନା ୨୦୧୭ରେ ପ୍ରବୀନଙ୍କୁ ବିବାହ କରିଥିଲେ। ଉଭୟଙ୍କ ଏକ ୬ବର୍ଷର ଶିଶୁ ପୁତ୍ର ରହିଛି। ରବିନା ଜଣେ ୟୁଟ୍ୟୁବର ଭାବେ ଜଣାଶୁଣା। ସେ ଇନ୍‌ଷ୍ଟାଗ୍ରାମ୍‌ରେ ସୁରେଶ ନାମକ ଅନ୍ୟ ଜଣେ ୟୁଟ୍ୟୁବରଙ୍କ ସହ ପରିଚିତ ହୋଇଥିଲେ। ପରେ ଉଭୟେ ମିଶି ଏକାଧିକ ଭିଡିଓ ଏବଂ ରିଲ୍‌ସ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ସେମାନଙ୍କ ବହୁ ଫଲୋଅର୍ସ ମଧ୍ୟ ଅଛନ୍ତି। ପ୍ରବୀନ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପ୍ରବୀନ ଏବଂ ତାଙ୍କ ପରିବାର ଲୋକ ରବିନାଙ୍କ ଏଭଳି କାର୍ଯ୍ୟକୁ ପ୍ରଥମରୁ ବିରୋଧ କରିଆସୁଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ରବିନା ଏବଂ ସୁରେଶଙ୍କ ମଧ୍ୟରେ ସମୟକ୍ରମେ ସମ୍ପର୍କରେ ଘନିଷ୍ଠତା ଦେଖାଦେଇଥିଲା। ଗତ ୨୫ତାରିଖରେ ରବିନା ଏବଂ ସୁରେଶଙ୍କୁ ଅସଂଯତ ଅବସ୍ଥାରେ ପ୍ରବୀନ ଦେଖିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ଉଭୟ ରବିନା ଏବଂ ସୁରେଶ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ପ୍ରବୀନଙ୍କ ତଣ୍ଟିକୁ ଓଢ଼ଣିରେ ଚାପି ହତ୍ୟା କରିଥିଲେ। ପରିବାର ଲୋକେ ପ୍ରବୀନଙ୍କ ସମ୍ପର୍କରେ ରବିନାଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ପରେ ମୃତଦେହକୁ ସୁରେଶଙ୍କ ସହ ମିଶି ରବିନା ଏକ ମୋଟର ସାଇକେଲରେ ଘରଠାରୁ ୬କିଲୋମିଟର ଦୂର ଏକ ସ୍ଥାନକୁ ନେଇ ସେଠାରେ ଥିବା ଏକ ଡ୍ରେନ୍‌ରେ ପକାଇ ଦେଇଥିଲେ। ପରେ ପ୍ରବୀନଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୨୮ ତାରିଖରେ ପୋଲିସ ପ୍ରବୀନଙ୍କ ଗଳିତ ମୃତଦେହ ଡ୍ରେନରୁ ଉଦ୍ଧାର କରିଥିଲା। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଘଟଣା ଦିନ ରାତି ପ୍ରାୟ ୨ଟା ୩୦ମିନିଟରେ ଏକ ମୋଟରସାଇକେଲରେ ୩ଜଣ ଯାଉଥିବା ଦେଖିବାକୁ ମିଳିଥିଲା। ଏପରି କି ଏହାର ୨ଘଣ୍ଟା ପରେ ସେହି ବାଟ ଦେଇ ଏକ ମୋଟରସାଇକେଲରେ ୨ଜଣ ଫେରୁଥିବାର ଦେଖାଯାଇଥିଲା। ପୋଲିସ ସନ୍ଦେହରେ ରବିନାଙ୍କୁ ଆଣି ପଚରାଉଚରା କରିବା ବେଳେ ସେ ତାଙ୍କ ପ୍ରେମିକ ସୁରେଶଙ୍କ ସହ ମିଶି ସ୍ୱାମୀ ପ୍ରବୀନଙ୍କୁ ହତ୍ୟା କରିବା ପରେ ଡ୍ରେନ୍‌ରେ ପକାଇ ଦେଇଥିବା ସ୍ୱୀକାର କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜେଲ ଗଲେ ଶରଣକୁଳ ଥାନା ଏସ୍‌ଆଇ

## ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ

ଭୁବନେଶ୍ୱର,୧୬।୪ (ସତ୍ୟଜିତ୍ ରାଉତ)

ମାମଲାରେ ସହଯୋଗ କରିବା ପାଇଁ ବିଚାର ବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ଝିଅଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ରାଜେଶଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜେଶ ୨୦୧୭ ଜାନୁଆରୀ ୨ରେ ଏସ୍‌ଆଇ ଭାବେ ଚାକିରି ଆରମ୍ଭ କରିଥିଲେ। ନୟାଗଡ଼ର ବିଭିନ୍ନ ଥାନାରେ ସେ କାମ କରିବା ପରେ ୨୦୨୪ ଅକ୍ଟୋବରରେ ଶରଣକୁଳ ଥାନାକୁ ଆସିଥିଲେ। ଶରଣକୁଳ ଥାନାରେ ଗତ ୬ ତାରିଖରେ ରୁଜୁ ଏକ ହତ୍ୟା ଉଦ୍ୟମ ମାମଲାରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ରାଉତରାପୁର ଅଞ୍ଚଳର ନିରଞ୍ଜନ ଦାସଙ୍କୁ ଗିରଫ କରାଯିବା ପରେ ସେ ଜେଲ ଯାଇଥିଲେ। ଏହି ମାମଲାର ଆଇଓ ଥିଲେ ରାଜେଶ। ତେବେ ବୁଧବାର ନୟାଗଡ଼ କୋର୍ଟରେ ନିରଞ୍ଜନଙ୍କ ଜାମିନ ଶୁଣାଣି ଥିବାରୁ ଆଇଓ ରାଜେଶ କେସ୍ ଡାଏରୀ(ସିଡୀ) ଦାଖଲ କରିବାର ଥିଲା। ଏଥିରେ ରାଜେଶ ସାହାଯ୍ୟ କରିବାକୁ କହି ନିରଞ୍ଜନଙ୍କ ଝିଅ ମୋନାଲିସାଙ୍କଠାରୁ ଟଙ୍କା ଦାବି କରି ନେଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ।


ରାଜେଶ କୁମାର ଶ୍ରୀଚନ୍ଦନ

# କୋଲ୍ ୱାସରି ସିଲ୍

## ୧୫୦୦ ଟନ୍‌ରୁ ଊର୍ଦ୍ଧ୍ୱ ବେଆଇନ ଗଚ୍ଛିତ କୋଇଲା ଜବତ


ଅଧିକାରୀମାନେ ଖଣି ସିଲ୍ କରୁଛନ୍ତି।

ସୁନ୍ଦରଗଡ଼,୧୬।୪
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଧୀନରେ ଚାଲିଥିବା ଚୋରା କୋଇଲା ଖଣି ଠାବ ପରେ ଏବେ ଜିଲା ପ୍ରଶାସନ ଏବଂ ଖଣି ବିଭାଗ ପକ୍ଷରୁ ବିଭିନ୍ନ କୋଲ ୱାସରୀ ଓ ସାଇଡିଂଗୁଡ଼ିକରେ ଚଢ଼ାଉ କରାଯାଇ ତନାଘନା ଚାଲିଛି। ଏହି କ୍ରମରେ ହେମଗିର ବ୍ଲକର କନିକାଠାରେ ଥିବା ଆର୍ଯ୍ୟାନ କୋଲ ୱାସରୀ ଉପରେ ଜିଲା ପ୍ରଶାସନ, ପୋଲିସ, ଖଣି ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବୁଧବାର ସନ୍ଧ୍ୟାରେ ଏହାକୁ ସିଲ୍ କରାଯାଇଛି। ଏହି ଚଢ଼ାଉବେଳେ କୋଲ ୱାସରୀ କ୍ୟାମ୍ପସ ବାହାରେ ଥିବା ଜଙ୍ଗଲ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ୧୫୦୦ଟନରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଥିବା ନେଇ ସଦର ଉପଜିଲାପାଳ ଦାଶରଥି ସରାବୁ ସୂଚନା ଦେଇଛନ୍ତି। ଏହି କୋଲ ୱାସରୀ ଉପରେ ମଙ୍ଗଳବାର ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ୱାସରୀ କ୍ୟାମ୍ପ ସ୍ ଭିତରେ ଥିବା କୋଇଲା କାଗଜପତ୍ର ଠିକ୍ ଥିବା ବେଳେ କ୍ୟାମ୍ପସ୍ ବାହାରେ ୱାସରୀର ଜମିରେ ଥିବା ଜଙ୍ଗଲ ଭିତରେ ଗଦା ହୋଇଥିବା କୋଇଲାର କାଗଜପତ୍ର ଠିକ ନଥିବାରୁ ଏହାକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ସଦର ଉପଜିଲାପାଳ ସରାବୁଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଖଣି ଉପ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ, ହେମଗିର ତହସିଲଦାର ସାଚିକାରାଣୀ ଢମେଲ, ସଦର ଏସ୍‌ଡିପିଓ ନିର୍ମଳଚନ୍ଦ୍ର ମହାପାତ୍ର ପ୍ରମୁଖ ଅଧିକାରୀମାନେ ସାମିଲ ଥିଲେ। ଆର୍ଯ୍ୟାନ କୋଲ ୱାସରୀର ଏଜିଏମ ବିବେକ ଶର୍ମା କହିଛନ୍ତି ଯେ, କୋଲ ୱାସରୀ ଭିତରେ ବିଭିନ୍ନ ସମୟରେ ଷ୍ଟକ ଗୁଡ଼ିକରେ ନିଆଁ ଲାଗିଯାଉଥିବାରୁ କ୍ୟାମ୍ପସ ବାହାରେ କୋଇଲା ଷ୍ଟକ କରି ରଖାଯାଉଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୧୬।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମସ୍ଥିତ ଅଙ୍ଗନୱାଡିକେନ୍ଦ୍ରରେ ବୁଧବାର ଅପରାହ୍ନ ୨ଟା ସମୟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପଦ୍ମନାଭପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଝିଅ ଅମ୍ରିତା ମାମୁ ଘର ବାଲେଶ୍ୱର ଜିଲା କାଠସିଙ୍ଗଡ଼ା ଗ୍ରାମରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିଲେ। ମହାବିଷୁବ ସଂକ୍ରାନ୍ତିରେ ସ୍କୁଲ ଛୁଟି ଥିବା ଯୋଗୁ ଘରକୁ ଆସିଥିଲେ। ତାଙ୍କ ଜେଜେମା' ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ପାଚିକା ସହାୟିକା ଭାବେ କାମ କରୁଥିବା ଯୋଗୁ ବୁଧବାର ସେ ତାଙ୍କ ପାଖକୁ ଯାଇଥିଲେ। ଅଙ୍ଗନୱାଡି ଛୁଟି ହେବା ପରେ ଜେଜେମା' ପିଲାଙ୍କୁ ସେମାନଙ୍କ ଘରେ ଛାଡ଼ିବା ପାଇଁ ଯାଇଥିଲେ। ହେଲେ ସେ କିଛି ସମୟ ପରେ ଫେରି ଦେଖିଲା ବେଳକୁ ନାତୁଣୀ ଅମ୍ରିତା ପିଲାମାନଙ୍କ ଓଜନ ମେସିନ ପାଇଁ ଟଙ୍ଗା ଯାଇଥିବା ଦଉଡ଼ିକୁ ବେକରେ ଗୁଡ଼ାଇ ଝୁଲନ୍ତା ଅବସ୍ଥାରେ ଥିଲେ। ସ୍ଥାନୀୟ ଲୋକେ ଅମ୍ରିତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୫) ରୁଜୁ ହୋଇଛି। ତେବେ ପାଠପଢ଼ାକୁ ନେଇ ପରିବାର ଲୋକେ ତାଗିଦ କରିବା ଯୋଗୁ ଛାତ୍ରୀ ଜଣକ ଏଭଳି ନିଷ୍ପତ୍ତିନେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଆଠମଲ୍ଲିକ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

ଢେଙ୍କାନାଳ,୧୬।୪ (ରତନ ନାୟାର)/
ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/
ଭବାନୀପାଟଣା,(ଉତ୍ତମ କୁମାର ଦାଶ)



ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କୁ ଭିଜିଲାନ୍ସ ବିଭାଗ ଧରି ନେଉଛି ଏବଂ ଢେଙ୍କାନାଳ ଗାୟିତ୍ରୀ ନଗରସ୍ଥିତ ନିଜସ୍ୱ ବାସଭବନ।

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ। ଢେଙ୍କାନାଳ ସହର ୧୫ନଂ ୱାର୍ଡ ଗାୟତ୍ରୀ ନଗରସ୍ଥିତ ବାସଭବନରୁ ସକାଳେ ସେ ଆଠମଲ୍ଲିକ ଅଭିମୁଖେ ବାହାରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହାପରେ ଗାୟତ୍ରୀ ନଗରସ୍ଥିତ ବାସଭବନ ସମେତ ସଦର ବ୍ଲକର ବଣସିଂହ ଓ ଗଁଦିଆ ବ୍ଲକ କରମୂଳ ଗ୍ରାମ ଏବଂ ଆଠମଲ୍ଲିକସ୍ଥିତ କାର୍ଯ୍ୟାଳୟ, ସରକାରୀ ବାସଭବନ, କଟକ ଓ କଳାହାଣ୍ଡି ଜିଲାରେ ଥିବା ସମ୍ପର୍କୀୟଙ୍କ ଘର ଆଦି ୯ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି।

କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ୭ଜଣ ଡିଏସ୍‌ପି, ୧୫ ଇନ୍‌ସ୍ପେକ୍ଟର ଓ ସହଯୋଗୀ କର୍ମଚାରୀଙ୍କ ଦ୍ୱାରା ଚଢ଼ାଉ କରାଯାଇଥିଲା। ଢେଙ୍କାନାଳରୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିବା ପରେ ତାଙ୍କୁ ଭିଜିଲାନ୍ସ ଟିମ୍ ସାଙ୍ଗରେ ଧରି ପୂର୍ବାହ୍ନ ୧୧ଟା ୩୦ରେ ଆଠମଲ୍ଲିକରେ ପହଞ୍ଚିଥିଲା। ଭିଜିଲାନ୍ସ ଟିମ୍ ଉପସ୍ଥିତିରେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ତାଲା ଖୋଲାଯାଇ ବିଭିନ୍ନ କାଗଜପତ୍ର ଜବତ କରିବା ସହ ତଦନ୍ତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଢେଙ୍କାନାଳ ଗାୟିତ୍ରୀ ନଗରଠାରେ ପ୍ରାୟ ୫ ହଜାର ବର୍ଗଫୁଟର ଏକ ୨ ମହଲା ଘର ରହିଛି। ଏଥିସହ କଟକ ବାରଙ୍ଗ ବଛିପୁରଠାରେ ଏକ ବହୁମୂଲ୍ୟ ଟଙ୍କାର ପ୍ଲଟ ଏବଂ ଢେଙ୍କାନାଳ ସହର ମହିଷାପାଟ, ବଡ଼ ଷାଠିଏବାଟିଆ, ଗଁଦିଆ ବ୍ଲକର ଚାଉଳିଆ, ଢେଙ୍କାନାଳ ସହରର ଶ୍ୟାମାଚରଣପୁର, କାଠଗଡ଼ା ଓ କଣ୍ଟେଇକୋଳିଆ ଆଦି ସ୍ଥାନକୁ ମିଶାଇ ମୋଟ ୧୭ଟି ପ୍ଲଟ ଠାବ ହୋଇଛି। ଚଢ଼ାଉ ସମୟରେ ୩୨୬ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି। ଢେଙ୍କାନାଳସ୍ଥିତ ଘରୁ ନଗଦ ୪୮ ହଜାର ୫୧୦ ଟଙ୍କା ସହ କିଛି ପୁରୁଣା ୨ ହଜାର ଟଙ୍କିଆ ନୋଟ୍ ଜବତ କରାଯାଇଛି। ସେହିପରି କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ତାଙ୍କ ଜ୍ୱାଇଁ ତଥା ମେଡିକାଲ ଅଫିସର ତପନ ତ୍ରିପାଠୀଙ୍କ ଗାୟତ୍ରୀ ନଗର ପଡ଼ାସ୍ଥିତ ଭଡ଼ାଘରେ ଚଢ଼ାଉ କରାଯାଇ ନଗଦ ୨୩.୯୫ଲକ୍ଷ ଟଙ୍କା ଜବତ କରାଯାଇଛି। ସେହିପରି ଆଉ ଜଣେ ଜ୍ୱାଇଁ ଭବାନୀପାଟଣାରେ ଥିବା ଡାକ୍ତରଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଥିବା ସୂଚନା ମିଳିଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମୋଟ ୬୩.୬୯ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ଅନ୍ୟାନ୍ୟ ଡିପୋଜିଟ୍ ଜବତ କରାଯାଇଛି। ରାମଚନ୍ଦ୍ରଙ୍କ ନାମରେ ଗୋଟିଏ କାର୍, ତାଙ୍କ ଜ୍ୱାଇଁଙ୍କ ନାମରେ ଗୋଟିଏ କାର୍ ଓ ୨ଟି ବାଇକ୍ ରହିଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି। ସମସ୍ତ ଜାଗାରେ ଚଢ଼ାଉ ସରିବା ପରେ ସମ୍ପତ୍ତିର ପୂର୍ଣ୍ଣ ଆକଳନ କରିହେବ ବୋଲି ଢେଙ୍କାନାଳ ଜିଲା ଭିଜିଲାନ୍ସ ଶାଖାର ଡିଏସ୍‌ପି ଅନୁସୟା ସେନାପତି କହିଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**
- ଏକକାଳୀନ ୯ ସ୍ଥାନରେ ଚଢ଼ାଉ, ୧୭ ପ୍ଲଟ ଠାବ
- ୬୩.୬୯ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଜବତ
- ଜ୍ୱାଇଁଙ୍କ ଘରୁ ବାହାରିଲା ନଗଦ ୨୩.୯୫ ଲକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିର୍ଲଜ୍ଜ ଗାଏ ସଲଜ୍ଜ ବାଏ,
ଅତି ଅଲାଜୁକ ନାଚି ଯାଏ।**

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପେଟେ ଭୋକ
ମୁହେଁ ଲାଜ।**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଂକୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଅପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ଏପରି ସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୬।୪(କାର୍ତ୍ତିକ ସାହୁ)

ବୃଦ୍ଧାଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ବୁଧବାର ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ବକ୍ସିବଜାର ପେନ୍‌ସନ୍ ଲେନ୍ ଅଞ୍ଚଳର ଛୋଟା ସରକାର (୩୫)।

ମାମଲାର ବିବରଣୀ ଅନୁଯାୟୀ, ବକ୍ସିବଜାର ଅଞ୍ଚଳରେ ବୃଦ୍ଧା ଜଣଙ୍କ ଏକାକୀ ରହୁଥିଲେ। ୨୦୨୨ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ବୃଦ୍ଧା ଜଣଙ୍କ ତାଙ୍କ ଘର ବାରଣ୍ଡାରେ ବସିଥିବାବେଳେ ଛୋଟା ତାଙ୍କୁ ଘର ଭିତରକୁ ନେଇ ବଳାତ୍କାର କରିଥିଲେ। ସ୍ଥାନୀୟ କର୍ପୋରେଟର ଏ. ଶ୍ରୀଦେବୀ ଏନେଇ ଖବର ପାଇବା ପରେ ମହିଳା ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟରେ ମାମଲାର ବିଚାର ହୋଇଥିଲା। ମାତ୍ର କୋର୍ଟରେ ବୟାନ ଦେବା ପୂର୍ବରୁ ପୀଡ଼ିତା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ୍.ଏମ୍. ବେଗ ମାମଲା ପରିଚାଳନା କରୁଥିଲେ।

# ଜେଲ ଗଲେ ଅଭିଯୁକ୍ତ, ସହଯୋଗୀ

## ମହିଳାଙ୍କୁ ଜମି ଦେବା ନାଁରେ ଠକେଇ, ବଳାତ୍କାର ଘଟଣା

ରାଜନଗର, ୧୬।୪
(ଭାସ୍କର ରାଉତରାୟ)

ବିଧବା ମହିଳାଙ୍କୁ ଜମି ଦେବାକୁ କହି ଜଣେ ବ୍ୟକ୍ତି ଟଙ୍କା ନେଇଥିଲେ। ହେଲେ କବଲା ନ କରିବାରୁ ମହିଳା ଜଣକ ଟଙ୍କା ମାଗିଥିଲେ। ହେଲେ ବ୍ୟକ୍ତି ଜଣକ ଟଙ୍କା ନ ଫେରାଇ ମହିଳାଙ୍କୁ ଘରେ ପଶି ବଳାତ୍କାର କରିବା ଓ ବଳାତ୍କାରର ନଗ୍ନଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ରାଜନଗର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ପୀଡ଼ିତା ମହିଳା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। ଅଭିଯୁକ୍ତ ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଦଫା ୩୩୨ (ବି), ୩୧୮ (୪), ୨୯୬, ୬୪ (୧), ୩୫୧ (୩), ୪୯ ବିଏନ୍‌ଏସ୍‌ରେ ନଂ. ୧୨୬/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ରାଜନଗର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ୫ବର୍ଷ ହେଲା ରହୁଛନ୍ତି। ୨ ବର୍ଷ ତଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ସଞ୍ଜୟ ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣ ମହିଳାଙ୍କ ଘରେ ପହଞ୍ଚି ଏକ ସଂଘର ନେତା ବୋଲି ପରିଚୟ ଦେଇ କମ୍ ମୂଲ୍ୟରେ ଜମି କରାଇଦେବେ ବୋଲି କହିଥିଲେ। ବାରମ୍ବାର ମିଥ୍ୟା ପ୍ରଲୋଭନ ଦେଖାଇ କମ୍ ମୂଲ୍ୟରେ ଜମି ବିକ୍ରି କରିବେ ବୋଲି କହି ୨୦୨୨ ମାର୍ଚ୍ଚରେ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଓ ଆଉ ୨୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଜମି କବଲା ନ କରି ବାରମ୍ବାର ସମୟ ଗଡାଇ ଚାଲିଥିଲେ। ଜମି କବଲା ନ କରି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ୨୦୨୪ ଡିସେମ୍ବରରେ ମହିଳା ଜଣକ ଘରେ ଏକା ଥିବା ବେଳେ ସଞ୍ଜୟ ଓ ଶିଶିର ଘରକୁ ଜବରଦସ୍ତି ପ୍ରବେଶ କରି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ମହିଳାଙ୍କ ଚୁଟି ଧରି ବେଡ ରୁମ୍ ଭିତରକୁ ଘୋଷାଡ଼ି ନେଇଗଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଶିଶିର ପାଟିକୁ ଜାବୁଡ଼ି ଧରିଥିଲେ। ସଞ୍ଜୟ ବଳାତ୍କାର କରିବା ବେଳେ ଶିଶିର ଏହାର ଭିଡିଓ ଉତ୍ତୋଳନ କରିଥିଲେ। ବଳାତ୍କାର ଓ ନଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ଏପରିକି ଆଉ ଟଙ୍କା ମାଗିଲେ ନଗ୍ନ ଭିଡିଓ ଭାଇରାଲ ସହ ପୁଅକୁ ହତ୍ୟା କରିଦେବୁ ବୋଲି ଧମକ ଦେଇଥିଲେ। ଏଥିସହ ସେ ଦେଇଥିବା ଚେକ୍‌କୁ ଜୋର ଜବରଦସ୍ତ ନେଇ ଯାଇଥିଲେ ବୋଲି ମହିଳା ଜଣକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତମାନେ ସମ୍ପୃକ୍ତ ମହିଳାଙ୍କୁ ସେହି ଭିଡିଓ ଚିତ୍ରର ଧମକ ଦେଇ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ବାରମ୍ବାର ବାଧ କରୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି।

# ପୋଲିସ ଗୁଳିରେ ୨ ହାର୍ଡକୋର ମାଓବାଦୀ ନିହତ


ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି, ୧୬।୪(ଦୁର୍ଯ୍ୟୋଧନପାତ୍ର)

ଛତିଶଗଡ଼ କୋଣ୍ଡାଗାଁ ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ହାର୍ଡକୋର ମାଓବାଦୀ ବୁଧବାର ନିହତ ହୋଇଛନ୍ତି। ମୃତକ ଡିଭିସିଏମ୍ କ୍ୟାଡର ମାଓବାଦୀ ହଳଧର ଏବଂ ଏସିଏମ୍ କ୍ୟାଡର ରାମେ। କୋଣ୍ଡାଗାଁ ଜିଲା କିଲମ ଜଙ୍ଗଲରେ ଡିଆର୍‌ଜି ଯବାନମାନେ କୋମ୍ବିଂ କରୁଥିବା ସମୟରେ ମାଓବାଦୀଙ୍କ ବୈଠକ ଚାଲିଥିଲା। ଯବାନମାନେ ଆସୁଥିବା ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇବା ପରେ ସେମାନେ ଜଙ୍ଗଲରେ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ସମୟରେ ୨ଜଣ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଯବାନମାନେ ଜବତ କରିଥିଲେ। ଏହି ୨ଜଣଙ୍କ ନାମରେ ୧୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ସୂଚନା ମିଳିଛି। ଏଥିସହ ଘଟଣାସ୍ଥଳରୁ ଏକେ ୪୭, ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏନ୍‌କାଉଣ୍ଟରରେ ଅଧିକ ମାଓବାଦୀ ମୃତାହତ ହୋଇଥିବା ଆଶଙ୍କାକରି ସର୍ଚ୍ଚ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଶିଶୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୧୬।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଏକ ଶିଶୁ ବଳାତ୍କାର ମାମଲା (ନଂ. ୯୯/୨୦)ର ରାୟ ବୁଧବାର ପ୍ରକାଶ ପାଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି ଅଭିଯୁକ୍ତ ଚନ୍ଦ୍ରଶେଖର ମଲ୍ଲିକ ଓରଫ ଗଞ୍ଜାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୮ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବରୁ ଗଞ୍ଜାଙ୍କ ବାପା ଜଗବନ୍ଧୁଙ୍କୁ ଖଲାସ କରାଯାଇଛି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ୱତନ୍ତ୍ର ସରକାରୀ ଓକିଲ ମନୋଜ ସାହୁ କହିଛନ୍ତି, ୨୦୨୦ ଫେବୃଆରୀ ୨୮ ସକାଳେ ଏହି ଘଟଣା ଘଟିଥିଲା। ପୀଡିତା ଶିଶୁ ଓ ମା' ଘରେ ଶୋଇଥିଲେ। ପୀଡିତାଙ୍କ ମା' ବାହାରକୁ ଶୌଚ ପାଇଁ ଯିବା ପରେ ଗଞ୍ଜା ୫ ବର୍ଷିଆ ଶିଶୁଙ୍କୁ ବଳାତ୍କାର କରିଥିଲେ। ଶିଶୁଙ୍କ କାନ୍ଦ ଶୁଣି ଖୁଡ଼ୀ ଗଞ୍ଜାଙ୍କୁ ବଳାତ୍କାର କରୁଥିବା ଅବସ୍ଥାରେ ଧରିଥିଲେ। ଏହି ଘଟଣା ପରେ ଗଞ୍ଜାଙ୍କ ବାପା ଜଗବନ୍ଧୁ ବିଭିନ୍ନ ଗାଳିଗୁଲଜ କରି ପୁଅକୁ ଛଡ଼ାଇ ନେଇଥିଲେ। ପରେ ବାପପୁଅ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ, ଶିଳ୍ପ ପ୍ରତିଷ୍ଠା ହେବ

## ଜମ୍ବୁ ଦ୍ୱୀପ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ଜମ୍ବୁ ଦ୍ୱୀପ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି ରାଜ୍ୟ ସ୍ୱାସ୍ଥ୍ୟ, ଶିଳ୍ପ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**ମହାକାଳପଡ଼ା, ୧୬।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା' ଦରିଆ ରାମଚଣ୍ଡୀ ମନ୍ଦିର ପରିସରରେ ସରକାରୀ ଭାବେ ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱରେ ୭ଟି ବୃହତ୍ ଦ୍ୱୀପ ମଧ୍ୟରେ ଜମ୍ବୁ ଦ୍ୱୀପ ସର୍ବଶ୍ରେଷ୍ଠ ବୋଲି ପୌରାଣିକ ମତରେ ଭାରତ ଭୂଖଣ୍ଡେ ଉତ୍କଳ ପ୍ରଦେଶେ ଜମ୍ବୁ ଦ୍ୱୀପେର ଐତିହ୍ୟ, ଗୌରବ, ଗରିମା ଲୋକାଭିମୁଖୀ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ରମ ପ୍ରଥମଥର ଆରମ୍ଭ ହୋଇଛି। ମହୋତ୍ସବକୁ ବିଶ୍ୱଦରବାରରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗା, ମୁଖ୍ୟବକ୍ତା ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ସଭା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ କହିଥିଲେ, ମୋହନ ସରକାର କଥା ଦେଇ କଥା ରଖନ୍ତି। ଏଥିସହ ୨ ମନ୍ତ୍ରୀ ଜିଲାରେ ମେଡିକାଲ କଲେଜ ସାଙ୍ଗକୁ ଶିଳ୍ପ ପ୍ରତିଷ୍ଠା ହେବ ବୋଲି କହିଥିଲେ।

ମୁଖ୍ୟବକ୍ତା ଶିଳ୍ପ ମନ୍ତ୍ରୀ ସ୍ୱାଇଁଙ୍କ ମତରେ କୁଜଙ୍ଗ ରାଜା ମା' ରାମଚଣ୍ଡୀ ମନ୍ଦିର ନିର୍ମାଣ କରିଥିଲେ। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲା କୁଜଙ୍ଗ, କନିକା ଓ ଆଳିକୁ ନେଇ ପ୍ରାଚୀନ ଐତିହ୍ୟ ପରମ୍ପରା ଅନୁସାରେ ବଜାୟ ରଖିଛନ୍ତି। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ୨ ଶହ କୋଟି ଟଙ୍କା କର୍ପସ ଫଣ୍ଡ ଗଠନ ହୋଇଛି। ଆସନ୍ତାବର୍ଷଠାରୁ ଜମ୍ବୁ ଦ୍ୱୀପ ମହୋତ୍ସବ ଅଧିକ ଲୋକାଭିମୁଖୀ ହେବ। କେନ୍ଦ୍ରାପଡ଼ା ଜିଲାର ବିଜେଡି ନେତା ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ କାହିଁକି ମେଡିକାଲ କଲେଜ ସ୍ଥାପନ କଲେନାହିଁ ବୋଲି ବିରୋଧୀ ଦଳକୁ ପ୍ରଶ୍ନ କରିଥିଲେ। ଜିଲାରେ ବିଦେଶୀ ଶିଳ୍ପ ନିବେଶକମାନେ ମନ ବଳେଇଛନ୍ତି। ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଲୋକମାନେ ନିଯୁକ୍ତି ପାଇବେ ଓ ବିଶେଷକରି ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲା ଶିଳ୍ପ ହବ୍ ହେବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ମୁଖ୍ୟ ଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ମହାଲିଙ୍ଗ କହିଥିଲେ, ଜମ୍ବୁ ଦ୍ୱୀପ ମହୋତ୍ସବ ଐତିହ୍ୟ ଗୌରବ ଗରିମାର ପ୍ରାଚୀନ ବାଣିଜ୍ୟ ପେଣ୍ଠସ୍ଥଳ ଥିଲା। ଏହି ଦ୍ୱୀପରୁ ସାଧବପୁଅମାନେ ବୋଇତରେ ସାତଦରିଆ ପାର ହୋଇ ଦକ୍ଷିଣ ଏସିଆ ଦେଶ ତଥା ଜାଭା, ସୁମାତ୍ରା, ଇଣ୍ଡୋନେସିଆର ବାଲି ଆଦିକୁ ଯାଉଥିଲେ। ଏଠାରୁ ଜଙ୍ଗଲଜାତ ସାମଗ୍ରୀ ନେଇ ବିକ୍ରିବଟା କରି ପ୍ରତି ବଦଳରେ ବହୁ ମୂଲ୍ୟବାନ୍ ଧନ ଦଉଲତ ତଥା ହୀରାଲୀଳା ମୋତି ମାଣିକ ନେଇ ଆସୁଥିଲେ। ଲୋକଙ୍କ ଦାବି ମୁତାବକ ଜିଲାରେ ମେଡିକାଲ କଲେଜ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ଜଗତ୍‌ସିଂହପୁର, ଭଦ୍ରକ, ନବରଙ୍ଗପୁର ଓ ଢେଙ୍କାନାଳ ଜିଲାରେ ମେଡିକାଲ କଲେଜ ଘୋଷଣା ସରିଛି। ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ମୋହନ ସରକାର ଯାହା କୁହନ୍ତି ତାହା କାର୍ଯ୍ୟକାରୀ କରନ୍ତି। କଥା ଦେଉଛୁ କଥା ରଖିବୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳର ନେତାମାନେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରିବା ହାସ୍ୟାସ୍ପଦ ବୋଲି କହିଛନ୍ତି। ୨୪ ବର୍ଷ ଧରି ଶାସନ ଥାଇ ଜିଲାରେ ଶିଳ୍ପ ନାହିଁ କି ମେଡିକାଲ କଲେଜ ପ୍ରତିଷ୍ଠା ହେଲାନାହିଁ ବୋଲି ବିରୋଧୀଙ୍କୁ ନିଶାନା କରିଥିଲେ। ଏହି ଐତିହାସିକ ଜମ୍ବୁ ଦ୍ୱୀପ ମହୋତ୍ସବକୁ ବିଧାୟକ ଡ. ନାୟକ ଉଚ୍ଚ ପ୍ରଶଂସା କରିଥିଲେ। ମା' ରାମଚଣ୍ଡୀଙ୍କ ଦର୍ଶନ ଲାଭକରି ଆଶିଷ ଭିକ୍ଷା କରିଥିଲେ। ମଞ୍ଚରେ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା, ଓବିସି ସେଲ୍ ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ସମେତ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଜିଲା ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଞ୍ଚଳରେ ନୂଆକରି ଜମ୍ବୁ ଦ୍ୱୀପ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଭିଡ଼ ହେଉଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ, ଯୋଡ଼ିଶଙ୍ଖ, ରଣପା, ଛଉ, ଘୋଡ଼ାନାଚ, ପାଇକ ଆଖଡ଼ା, ମାଲଖମ୍ବ ଭଳି ଓଡ଼ିଆ ଅସ୍ମିତାର ଝଲକ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ସଙ୍ଗୀତରେ ଦର୍ଶକ ବିମୋହିତ ହୋଇଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ପାରାଦୀପ, ୧୬।୪(ଶରତ ରାଉତ):**

ପାରାଦୀପ ତୈଳ ବିଶୋଧନାଗାର ଫାଟକ ଆଗରେ ବୁଧବାର ରାତି ୯ ଟାରେ ଉତ୍ତେଜନା ପ୍ରକାଶ ପାଇଛି। ଦୁର୍ଘଟଣାରେ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ଧାରଣା ଦେଇଛନ୍ତି। ମୃତକ ହେଲେ ମିଳନ ରାଉତ। ତାଙ୍କ ଘର ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢ଼ିଙ୍କିଆ ଗ୍ରାମରେ। ସେ ଏନ୍‌ଏନ୍‌ଏସ ନାମକ ଠିକାସଂସ୍ଥା ଅଧୀନରେ କାମ କରନ୍ତି। ଗତ ମଙ୍ଗଳବାର ଠିକାସଂସ୍ଥା ବାହାରେ ଦୁର୍ଘଟଣା ଘଟିଥିଲା। ସେଥିରେ ମିଳନ ଗୁରୁତର ହୋଇ କଟକରେ ଚିକିତ୍ସାଧୀନ ଥିଲେ। ବୁଧବାର ତାଙ୍କ ମୃତ୍ୟୁ ପରେ ଗାଁ ଲୋକେ ମୃତଦେହ ଆଣି ଫାଟକ ଆଗରେ ରଖି ଧାରଣା ଦେଇଛନ୍ତି ବୋଲି ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର ରାଉତ ପ୍ରକାଶ କରିଛନ୍ତି।

# ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

- ୨୦ହଜାର ଟଙ୍କା ଜରିମାନା
- ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ

**ଯାଜପୁର ଟାଉନ,୧୬।୪ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାର ବିଚାର କରି ଯାଜପୁର ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଅଭିଜିତ୍ ପଲାଇ ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ପାଇଁ ବୁଧବାର ରାୟ ଦେଇଛନ୍ତି। ଏହି ଜରିମାନା ଅନାଦୟେ ଅଧିକ ୬ମାସ ଜେଲଦଣ୍ଡ ଭୋଗ କରିବା ପାଇଁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏହି ସହିତ ପୀଡ଼ିତାକୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଜଣେ ନବମ ଶ୍ରେଣୀ ଛାତ୍ରୀ ୨୦୨୩ ଫେବୃଆରୀ ୧୮ ମହାଶିବରାତ୍ରୀ ଦିନ ଘରେ ଏକୁଟିଆ ଥିଲେ। ନାବାଳିକାଙ୍କ ମା'ବାପା ଜାଗର ପାଇଁ ସ୍ଥାନୀୟ ତ୍ରିନାଥ ମନ୍ଦିରକୁ ଯାଇଥିଲେ। ମନ୍ଦିରରୁ ଫେରି ଦେଖିଲେ ତାଙ୍କ ଝିଅ ଘରେ ନାହିଁ। ଚାରିଆଡେ ବହୁ ଖୋଜାଖୋଜି କରିବା ପରେ ତହିଁ ପରଦିନ ନାବାଳିକାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଧର୍ମଶାଳା ଥାନା ପୋଲିସ ଏକ ମାମଲା(ନଂ. ୭୨/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା। ତହିଁ ପରଦିନ ଅର୍ଥାତ୍ ୨୦ ତାରିଖରେ ଭୁବନେଶ୍ୱର ରେଳଷ୍ଟେଶନ୍‌ରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ପରେ ନାବାଳିକା ଜଣକ ପରିବାର ଲୋକଙ୍କ ସମ୍ମୁଖରେ କହିଥିଲେ ଧର୍ମଶାଳା ଥାନା ଅନ୍ତର୍ଗତ ଜାମୁବଣିଆ ଗେଡିସାହିର ଗଣେଶ ଗେଡି (୨୨) ସେଦିନ ଘରେ କେହି ନ ଥିବା ସମୟରେ ତାଙ୍କୁ ବଳତ୍କାର କରିଥିଲେ। ଏହାପରେ ବିବାହର ପ୍ରଲୋଭନ ଦେଖାଇ ତାଙ୍କୁ ହାଇଦ୍ରାବାଦ୍ ନେଇଯିବା ପାଇଁ ଉଦ୍ୟମ କରିଥିଲେ।

ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବୁଧବାର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ପଲାଇ ଗଣେଶଙ୍କୁ ଦୋଷୀସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକୁଟର ରାଜୀବ ମହାନ୍ତି ପରିଚାଳନ କରିଥିଲେ।

# ବେଆଇନ ହଷ୍ଟେଲରୁ ୨୬ ଅନ୍ତେବାସୀ ଉଦ୍ଧାର




ହଷ୍ଟେଲରୁ ଉଦ୍ଧାର ହୋଇଥିବା ଅନ୍ତେବାସୀ।

**କଳିଙ୍ଗନଗର,୧୬।୪(ଶୁଭାଶିଷ ରାଉତ):**

ଯାଜପୁର ଜିଲା ଦାନଗଦି ବ୍ଲକର ଚିଡ୍ରୀ ଓ ସୁକିନ୍ଦା ବ୍ଲକର ଗୋବରଘାଟୀଠାରେ ଥିବା ଏକ ଏନଜିଓ ବିନା ପଞ୍ଜୀକରଣରେ ଏକ ହଷ୍ଟେଲ ପରିଚାଳନା କରୁଥିଲେ। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଜିଲା ପ୍ରାଶସନ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇ ୨୬ ଜଣ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଛି। ସମସ୍ତ ଅନ୍ତେବାସୀଙ୍କୁ ବୁଧବାର ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଛି।

ସୂଚନା ଅନୁଯାୟୀ, ଗତ ୧୦ବର୍ଷ ହେବ ଏହି ଏନ୍‌ଜିଓ ଉକ୍ତ ହଷ୍ଟେଲ ପରିଚାଳନା କରୁଥିଲେ ମଧ୍ୟ ନିୟମ ଅନୁଯାୟୀ ପଞ୍ଜୀକରଣ କରି ନ ଥିଲେ। ଉକ୍ତ ଅନୁଷ୍ଠାନ ଶିଶୁ ଓ କିଶୋର ଆଇନ ଉଲ୍ଲଂଘନ କରିବା ତଥା ଶିଶୁ ମଙ୍ଗଳ କମିଟିର ଦୃଷ୍ଟି ଆକର୍ଷଣ କରା ନ ଯିବା ଘଟଣାକୁ ନେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିଶୁମାନଙ୍କ ମଙ୍ଗଳ ନିମନ୍ତେ ସର୍ବୋତ୍ତମ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ଏହାପରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ ଏନଜିଓରେ ପ୍ରଶାସନିକ ଅଧିକାରୀମାନେ ଚଢ଼ାଉ କରି ୨୬ ଜଣ ଶିଶୁଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ପାଖରେ ହାଜର କରିଥିଲେ। ଶିଶୁ ମଙ୍ଗଳ କମିଟି ଶିଶୁମାନଙ୍କ ସର୍ବୋତ୍ତମ କଲ୍ୟାଣ ପ୍ରତି ଗୁରୁତ୍ୱ ଦେବା ସହ ସେମାନଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରିଛନ୍ତି।

ଶିକ୍ଷାନୁଷ୍ଠାନ ସାମାଜିକ ଦାୟିତ୍ୱ ଅର୍ଥରେ ପରିଚାଳିତ ଏହି ଏନ୍‌ଜିଓ ଦାନଗଦି ଓ ସୁକିନ୍ଦାର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ କାମ କରୁଛି। ମାତ୍ର ଅନେକ ଗରିବ ଓ ଡ୍ରପ୍ ଆଉଟ ପିଲାମାନେ ସେହି ହଷ୍ଟେଲରେ ରହୁଥିଲେ। ମାତ୍ର ସେମାନଙ୍କ ଶିକ୍ଷା ଓ ଉତ୍ତମ ଭବିଷ୍ୟତ ପ୍ରତି ଆଦୌ ଧ୍ୟାନ ଦିଆଯାଉ ନ ଥିଲା। ଫଳରେ ଅଧିକାଂଶ ସମୟରେ ଦାନଗଦି ଓ ସୁକିନ୍ଦାରେ ଡ୍ରପ୍‌ଆଉଟ, ଶିଶୁ ଶ୍ରମିକ ଓ ବାଲ୍ୟବିବାହ ଦେଖିବାକୁ ମିଳୁଥିଲା। ଅନ୍ୟପକ୍ଷେ ଏହି ଏନ୍‌ଜିଓ ଦୀର୍ଘଦିନ ହେବ ପ୍ରଶାସନ ଆଢୁଆଳରେ ହଷ୍ଟେଲ ନିର୍ମାଣ କରି ଶତାଧିକ ପିଲାଙ୍କୁ ରଖୁଥିଲେ। ଏହାକୁ ସାଧାରଣରେ ନାପସନ୍ଦ କରାଯାଇଥିଲା। ତେଣୁ ଏହି ଘଟଣା ପରେ ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା ୟୁନିଟ ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଇଛି। ଅନ୍ୟପକ୍ଷେ ଶତାଧିକ ଶିଶୁ ହଷ୍ଟେଲରେ ରହୁଥିଲେ ମଧ୍ୟ ମାତ୍ର ୨୬ ଜଣଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଛି। ଅବଶିଷ୍ଟ ଶିଶୁଙ୍କୁ କାହିଁକି ଶିଶୁ ମଙ୍ଗଳ କମିଟିକୁ ଅଣାଗଲା ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୧୪ ଧୀବରଙ୍କୁ କୋର୍ଟ ଚାଲାଣ କଲା କୋଷ୍ଟଗାର୍ଡ

## ମାଛଧରା ବୋଟ୍‌ରୁ ଗୁଆ ଜବତ ଘଟଣା

**ପାରାଦୀପ,୧୬।୪(ଶରତ ରାଉତ)**

ଗତ ୧୦ ତାରିଖରେ ଆନ୍ତର୍ଜାତିକ ଜଳସୀମା ମଧ୍ୟରେ ଧରାଯାଇଥିବା ମାଛଧରା ବୋଟ୍‌ରୁ ଗୁଆ ଜବତ ଘଟଣାରେ ବୁଧବାର କଷ୍ଟମ୍ସ ବିଭାଗ ୧୪ ଜଣ ଧୀବରଙ୍କୁ ଗିରଫ କରି ଭୁବନେଶ୍ୱରସ୍ଥିତ କଷ୍ଟମ କୋର୍ଟ ଚାଲାଣ କରିଛି।

ଅଭିଯୁକ୍ତମାନେ ହେଲେ ରାଜେଶ ମଣ୍ଡଳ,ଶିମୁଲ ଦାସ, ରହମାନ ସେକ, ମନୋରଞ୍ଜନ ଦାସ, ଭାସ୍କର ଗାରାମୀ, ସୁଦୀପ୍ତ ଦାସ, ଆଶୁ ଦାସ, ଦୁର୍ଯ୍ୟୋଧନ ଦାସ, ରାହୁଲ ଦାସ, ସୁଧାଂଶୁ ଦାସ, ସୁଶାନ୍ତ ଦାସ,ବାବୁଲା ବେରା, ମୋତିଲାଲ ଦାସ ଓ ମନୋରଞ୍ଜନ ଭୂୟାଁ। ସେମାନେ ଭାରତର କିମ୍ବା ଅନ୍ୟ ଦେଶର ତାହା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଆନ୍ତର୍ଜାତିକ ଜଳସୀମା (ବାଂଲାଦେଶ) ମଧ୍ୟରେ ଏକ ମାଛଧରା ବୋଟ ସନ୍ଦେହଜନକ ଭାବେ ବୁଲୁଥିଲା। କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ 'ଭରଦ' ସମ୍ପୃକ୍ତ ବୋଟ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ୩୦ହଜାର କେଜିରୁ ଅଧିକ ଗୁଆ ମିଳିଥିଲା। ଉକ୍ତ ବୋଟରେ ୧୪ ଜଣ ଧୀବର ଥିଲେ। ସେହି ବୋଟକୁ କୋଷ୍ଟଗାର୍ଡ ଟିମ୍ ପାରାଦୀପରେ ୧୨ ତାରିଖରେ ପହଞ୍ଚାଇଥିଲା। ବନ୍ଦର ପୋତାଶ୍ରୟ ମଧ୍ୟରେ ଇମିଗ୍ରେଶନ, ପୋଲିସ, କଷ୍ଟମ୍ସ, ଆଇବି ଆଦି ସୁରକ୍ଷା ଅଧିକାରୀ ଏହାର ଯାଞ୍ଚ କରିଥିଲେ। ପରେ ଅଧିକ ତଦନ୍ତ ପାଇଁ କଷ୍ଟମ୍ସ ବିଭାଗକୁ ବୋଟ, ଜବତ ଗୁଆ ଓ ୧୪ ଜଣ ଧୀବରଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ କଷ୍ଟମ୍ସ ବିଭାଗ ସମ୍ପୃକ୍ତ ନାବିକମାନଙ୍କୁ ଭୁବନେଶ୍ୱର ନେଇ ପଚରାଉଚରା କରୁଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ କୁନ୍‌ମୁନ୍



@ ଲିଙ୍ଗରାଜ



@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗଛରୁ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଚଣ୍ଡିଖୋଲ,୧୬।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ଚଣ୍ଡିଖୋଲ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜଣେ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ବଡ଼ଚଣା ପୋଲିସ ଜବତ କରିଛି। ଚଣ୍ଡିଖୋଲ କଲେଜ+୨ର ଛାତ୍ର ପାଣ୍ଡବ ଡିହ୍ଲୁ କଲେଜ ପାଖ ଚଣ୍ଡୀ ମନ୍ଦିର ନିକଟରେ ଏକ ଛାତ୍ରାବାସରେ ରହୁଥିଲେ। ବୁଧବାର ଛାତ୍ରାବାସ ନିକଟ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିଲା। ସ୍ଥାନୀୟ ଲୋକମାନେ ଏ ନେଇ ବଡ଼ଚଣା ପୋଲିସକୁ ଖବର ଦେଇଥିଲେ।

# ଲିଙ୍ଗ ନିରୂପଣ ବନ୍ଦ ନ ହେଲେ କାର୍ଯ୍ୟାନୁଷ୍ଠାନ

## ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ

- ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମୁଛି
- ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ସମୀକ୍ଷା
- ସୂଚନା ପ୍ରଦାନକାରୀଙ୍କୁ ୨୫,୦୦୦ ଟଙ୍କା ମିଳିବ



ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକରେ ଜିଲାପାଳ ଓ ବିଭାଗୀୟ ଅଧିକାରୀ।

**ଯାଜପୁର ଟାଉନ,୧୬।୪ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :**

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାସ୍ତରୀୟ ପିସି.ପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରି ଲିଙ୍ଗ ନିରୂପଣକୁ କି ଭଳି କଡ଼ାକଡ଼ି ଭାବେ ରୋକାଯାଇ ପାରିବ ସେଥିପ୍ରତି ଗୁରୁତ୍ୱାରୋପ କରି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ଜିଲାରେ ଝିଅଙ୍କ ଅନୁପାତ ପୁଅଙ୍କ ଅପେକ୍ଷା କମ ଥିବାରୁ ଜିଲାପାଳ ଉଦବେଗ ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲାରେ କାର୍ଯ୍ୟକ୍ଷମ ଥିବା ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକୁ ନିୟମିତ ତନଖି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ନୂତନ କ୍ଲିନିକ୍ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତଗୁଡ଼ିକ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଅଲଟ୍ରାସାଉଣ୍ଡ କ୍ଲିନିକ୍ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ ଲିଙ୍ଗ ଅନୁପାତ ଅର୍ଥାତ୍ ପ୍ରତି ୧୦୦୦ ପୁଅରେ ଝିଅଙ୍କ ସଂଖ୍ୟା ୯୦୩ ଥିବାବେଳେ କୋରେଇ, ବଡ଼ଚଣା, ମାର୍କଣ୍ଡପୁରରେ ସ୍ଥିତି ଉଦବେଗ ଜନିତ ରହିଥିବାରୁ ଏହାକୁ ବର୍ଦ୍ଧିତ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ବ୍ଲକ୍‌ସ୍ତରରେ ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୁଣହତ୍ୟା ସମ୍ବନ୍ଧିତ ସଚେତନତା ଅଭିଯାନ କରିବାକୁ ଏବଂ ବ୍ଲକ୍‌ସ୍ତରୀୟ ଓରିଏଣ୍ଟେଶନ କାର୍ଯ୍ୟକ୍ରମ କରିବାକୁ ଜିଲାପାଳ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲିଙ୍ଗ ନିରୂପଣ କରାଯାଉଥିବା ଖବର ପ୍ରଦାନକାରୀଙ୍କୁ ୨୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ପରେ ପିଆରଆଇ ସଦସ୍ୟ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ବୁଦ୍ଧିଜୀବୀ, ସମାଜସେବୀ, ସେଚ୍ଛାସେବୀ ସଂଗଠନର ସଦସ୍ୟମାନଙ୍କୁ ନେଇ କରାଯାଇଥିବା ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମର ଜିଲାପାଳ ସମୀକ୍ଷା ବୈଠକ କରିବେ ବୋଲି ସୂଚନା ଦେଇଥିଲେ। ବୈଠକର ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରକାଶ ଚନ୍ଦ୍ର ବଳ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ଡ଼ା. ରମେଶ ଚନ୍ଦ୍ର ମଲିକ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଚିକିତ୍ସକ ଡ଼ା ନଗେନ୍ଦ୍ର ନାଥ ମହାପାତ୍ର, ସାମାଜିକ କର୍ମୀ ଆନନ୍ଦ ଗୋପାଳ ମହାନ୍ତି, ଡ଼ା ରାଜକିଶୋର ପଣ୍ଡା, ପ୍ରେମଲତା ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅତୃପ୍ତ ଆତ୍ମା ପାଇଁ ପଣା ଶୋଭାଯାତ୍ରା


ମା' ଦକ୍ଷିଣକାଳୀ।


ସେଲ୍ଫି ବୁଥ୍‌ରେ ଫଟୋ ଉଠାଇବାକୁ ଭିଡ଼।


ଯାତ୍ରାରେ ପଡ଼ିଥିବା ଦୋଳି ନିକଟରେ ଲୋକଙ୍କ ଗହଳି।

**ନୟାଗଡ଼,୧୬।୪(ଲୋକନାଥ ମିଶ୍ର)**

ନୟାଗଡ଼ର ଆରାଧ୍ୟା ଦେବୀ ପୁରୁଣାସହରର ଦକ୍ଷିଣକାଳୀ ପୀଠରେ ପଣା ଯାତ୍ରା ଚାଲୁ ରହିଛି। ବୁଧବାର ଯାତ୍ରାର ୩ୟ ଦିବସରେ ଗହଳି ବଢୁଛି। ଷାଠିଏ ଦଶକରେ ଜଣେ ମାଡୁଆଳୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପଣାଯାତ୍ରା ଦିନକୁଦିନ ଆକର୍ଷଣୀୟ ହେବାରେ ଲାଗିଛି। ରାଣୀ ମଣ୍ଡାଦେବୀଙ୍କ ନାମରେ ନାମିତ ମଣ୍ଡାବାଗନ ପଡ଼ିଆରେ ଅନୁଷ୍ଠିତ ପଣାଯାତ୍ରାର ପ୍ରଥମ ସନ୍ଧ୍ୟାରେ ପ୍ରାୟ ୮ଟାରେ ମାଙ୍କ ପଣା ଶୋଭାଯାତ୍ରା ମା' ରାମଚଣ୍ଡୀ, ଶୁଳିଆ ଠାକୁରାଣୀ, ମଙ୍ଗଳା, ବ୍ରାହ୍ମଣୀଦେବୀ ଓ ତରତେଇଙ୍କ ପୀଠକୁ ନେଇ ସମର୍ପଣ କରାଯାଇଥିଲା। ସମର୍ପଣ ପଣାକୁ କୌଣସି ଜୀବ ପିଇଲେ ଅକାଳ ମୃତ୍ୟୁ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସମର୍ପଣ ପଣା ଦେବୀଙ୍କ ଆଶୀର୍ବାଦ ସ୍ୱରୂପ ଅତୃପ୍ତ ଆତ୍ମା ତଥା ଭୂତପ୍ରେତଙ୍କ ଉଦ୍ଦିଷ୍ଟ ରହିଥାଏ। ଏଣୁ କୌଣସି ଜୀବଜନ୍ତୁ ଯେପରି ସମର୍ପଣ ପଣା ନ ପିଇବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ପରେ ଶୋଭାଯାତ୍ରା ମା' ଦକ୍ଷିଣକାଳୀଙ୍କ ପୀଠକୁ ଫେରି ଆସିଥିଲା। ତେବେ ପଣା ନେଇ ଯାଇଥିବା ସେବକମାନେ ଫେରିବା ବେଳେ ପଛକୁ ନ ଚାହିଁ ଏକ ମୁହାଁରେ ଲେଉଟି ବାର ପରମ୍ପରା ରହିଛି। ପରେ ଶୋଭାଯାତ୍ରା ମା'ଙ୍କ ପୀଠରେ ପହଞ୍ଚିବା ପରେ ଭକ୍ତମାନେ ପଣା ସେବନ କରିଥିଲେ।

ପ୍ରକାଶଥାଉକି ଗଛବାଣ, ସର୍ଟ ବାଣ ଓ ଚକ୍ର ବାଣ ଫୁଟାଇ ମାନସିକଧାରୀ ପଣା ସଂକ୍ରାନ୍ତିରେ ମାନସିକ ପୂରଣ କରିଥିଲେ। ପରେ ବାଣ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବାଣାକାରମାନେ ଚକ୍ରବାଣ, ଆକାଶ ଛତା, ରକେଟ, ଫୁଲଝରୀ, ଆଦି ଆତସବାଜିର ପାରିଦର୍ଶିତା ଦେଖାଇଥିଲେ। ମାନସିକ ବାଣରେ ଦକ୍ଷିଣକାଳୀ ପଡ଼ିଆ ଧୂଆଁମୟ

**ଉତ୍ସବମୁଖର ନୟାଗଡ଼ ପୁରୁଣା ସହର**

- **ପଣା ସମର୍ପଣ ପରେ ପଛକୁ ଚାହିଁ ନ ଥିଲେ ସେବକ**
- **ମଣ୍ଡାବାଗନ ପଡିଆରେ ପଣାଯାତ୍ରାର ୩ୟ ଦିବସ**

ହୋଇଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆତସବାଜି ପ୍ରତିଯୋଗିତା ହୋଇଥିଲା। ଯେଉଁ ବାଣାକାରଙ୍କ ବାଣ ଦର୍ଶକଙ୍କୁ ଖୁସି କରିଥାଏ ତାଙ୍କୁ ପରସ୍କୃତ କରାଯାଇଛି। ତେବେ ପଣାସଂକ୍ରାନ୍ତିର ଭୋର ସାଢ଼େ ୫ରେ ମା' ଦକ୍ଷିଣକାଳୀଙ୍କ ପହଡ଼ ଖୋଲିଲା ପରେ ଅବକାଶ ଓ ମାଜଣା ନୀତି କରାଯାଇଥିଲା। ନୀତି ପରେ ଭକ୍ତମାନେ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ମା'ଙ୍କୁ ଦର୍ଶନ କରିଥିଲେ। ସକାଳ ୯ଟାରେ ଶଙ୍ଖୁଡି ଭୋଗ ପରେ କିଛି ସମୟ ମା'ଙ୍କର ମନ୍ଦିର ବନ୍ଦ ରହିଥିଲା। ସାଢ଼େ ୯ଟାରେ ପୁରୁଣାସହରର ଜଗନ୍ନାଥ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆସିବା ପରେ ଦକ୍ଷିଣକାଳୀଙ୍କ ପୀଠରେ ମଧ୍ୟାହ୍ନ ସାଢ଼େ ୧୨ରୁ ହୋମ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ମନ୍ଦିର ସାଢ଼େ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ପରେ ପହଡ ପଡିଥିଲା। ମାଜଣା ପରେ ପୁଣି ସନ୍ଧ୍ୟା ୬.୪୫ରେ ମନ୍ଦିର ଖୋଲା ହେବାରୁ ଭକ୍ତ ଦର୍ଶନ କରିଥିଲେ। ପଣା ବଣ୍ଟା ପୂର୍ବରୁ ମାନସିକ ବାଣ ଫୁଟିବା ଆରମ୍ଭ ହୋଇଥିଲା। ରାତି ୯ଟାରେ ଶଙ୍ଖୁଡି ଭୋଗ ପରେ ପୁଣି ୯.୪୫ରୁ ରାତି ୧୧ ଟା ପର୍ଯ୍ୟନ୍ତ ମା' ଦର୍ଶନ ଦେଇଥିଲେ। ପରେ ପହଡ ପଡିଥିଲା।

**ଏନ୍‌ଏଚ୍ ୫୭ରେ ୭ଦିନ ଧରି ଯାନବାହନ ଚଳାଚଳ ବନ୍ଦ**

ପଣାଯାତ୍ରା ଯୋଗୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ(ଏନଏଚ)ରେ ପୁରୁଣା ସହରର ଜଗନ୍ନାଥ ମନ୍ଦିରଠାରୁ ଗୋଲେଇ ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସର ପଦକ୍ଷେପ ରାଜପଥରେ ଭିଡ ହ୍ରାସ କରିଥିଲା। ପୁରୁଣା ଜଗନ୍ନାଥ ମନ୍ଦିରଠାରୁ ଯାନବାହାନଗୁଡିକ ଡିଆରଡିଏ ଓ ପିଟିଏସ୍ ରାସ୍ତା ଦେଇ ନୟାଗଡ଼ ମହାବିଦ୍ୟାଳୟଠାରେ ନୟାଗଡ଼ ଭଞ୍ଜନଗର ରାସ୍ତାରେ ବାହାରିଥିଲା। ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଯାନବାହାନ ଉପରେ କଟକଣା ଜାରି ରହିଛି। ତେବେ କେବଳ ବାଇକ୍, ଅଟୋ ଓ କାର ଚଳାଚଳ କରୁଥିଲା। ଜଗନ୍ନାଥ ମନ୍ଦିରଠାରୁ ଜିଲା ଲାଇବ୍ରେରି ଛକ ପର୍ଯ୍ୟନ୍ତ ନୋଟ ହଲଟିଂ ଜୋନ ଘୋଷଣା କରାଯାଇଥିବା ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଜୟ


@ କୁନ୍‌ମୁନ୍


@ ଲିଙ୍ଗରାଜ


@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ରେଳ ସମସ୍ୟାର ସମାଧାନ**

# ସ୍ମାରକପତ୍ର ଦେଲା ନାଗରିକ ମଞ୍ଚ

## ରେଳ ପ୍ରକଳ୍ପର ଅନୁଧାନ ପାଇଁ ଆସିଥିଲେ ପୂର୍ବତଟ ରେଳ ମହାପ୍ରବନ୍ଧକ


ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କୁ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯାଉଛି।

**ନୟାଗଡ଼,୧୬।୪(ଲୋକନାଥ ମିଶ୍ର)**

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅନୁଧାନ ପାଇଁ ଆସିଥିବା ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କୁ ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ନାଗରିକ ମଞ୍ଚ ପକ୍ଷରୁ ରେଳ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସ୍ମାରକପତ୍ର ବୁଧବାର ଦିଆଯାଇଛି। ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅନୁଧାନ କରିବାକୁ ଭୁବନେଶ୍ୱରରୁ ଦଶପଲ୍ଲା ଅଭିମୁଖେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ବୁଧବାର ଆସିଥିଲେ। ଖବରପାଇ ମଞ୍ଚ ପକ୍ଷରୁ ମହାପ୍ରବନ୍ଧକଙ୍କ ସହ ସାକ୍ଷାତ ଆଲୋଚନା ପାଇଁ ସମୟ ମଗା ଯାଇଥିଲା। ମହାପ୍ରବନ୍ଧକଙ୍କ ସ୍ୱତନ୍ତ୍ର ଟ୍ରେନ ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ଅଟକି ରହିବା ପରେ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ମହାପ୍ରବନ୍ଧକଙ୍କୁ ଭେଟି ଥିଲେ। ଜିଲାବାସୀ କଟକ ବଡ଼ ମେଡିକାଲ ଏବଂ ହାଇକୋର୍ଟ ଯିବାକୁ ସୁବିଧା ହେଉ ନ ଥିବାରୁ ଦଶପଲ୍ଲାରୁ ଭୁବନେଶ୍ୱର ଯାଉଥିବା ମେମୁ ଟ୍ରେନ (ନଂ. ୧୮୪୨୩/୧୮୪୨୪)କୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା, ଦଶପଲ୍ଲାରୁ ପୁରୀ ଯାଉଥିବା ପାସେଞ୍ଜର ଟ୍ରେନ (ନଂ. ୬୮୪୪୯/୫୦)କୁ ବଦଳାଇ ମେମୁ ଟ୍ରେନ ପ୍ରଚଳନ କରିବାକୁ ଦାବି କରିଥିଲେ। ସେହିପରି ରେଳଯାତ୍ରୀଙ୍କ ସଂଖ୍ୟା ବଢୁ ଥିବାରୁ ଚଳାଚଳ କରୁଥିବା ଟ୍ରେନଗୁଡ଼ିକର ବଗି ସଂଖ୍ୟା ବୃଦ୍ଧି କରିବା, ରେଳ ଷ୍ଟେଶନରେ ଆଉ ଏକ ଟିକେଟ କାଉଣ୍ଟର ଖୋଲିବା, ନୂତନ କରି ସ୍ଥାପିତ ହୋଇଥିବା ଟିକେଟ ଭେଣ୍ଡିଂ ମେଶିନରେ କର୍ମଚାରୀ ନିଯୁକ୍ତି କରିବା ପରି ଅନୁରୂପ ଦାବି କରାଯାଇଛି। ଅପରପକ୍ଷେ ନୟାଗଡ଼-ଭୁବନେଶ୍ୱର ମଧ୍ୟରେ ଅଧିକ ପାସେଞ୍ଜର ଟ୍ରେନ ଚଳାଚଳ କରିବା, ନୟାଗଡ଼ରୁ ରାଜ୍ୟ ବାହାରକୁ ଯଥା କଲିକତା, ବାଙ୍ଗାଲୋରକୁ ଟ୍ରେନ୍ ଚଳାଇବା ଆଦି ସମ୍ପର୍କରେ ଆଲୋଚନା କରାଯାଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଲୋଚନା ବେଳେ ପୂର୍ବତଟ ରେଳର ବିଭିନ୍ନ ପଦାଧିକାରୀଙ୍କ ସମେତ ନୟାଗଡ଼ ଟାଉନ ଷ୍ଟେଶନ ମ୍ୟାନେଜର ପ୍ରଦୀପ୍ତ କୁମାର ବରାଡ଼ ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଉପସଭାପତି ପ୍ରଦୀପ କୁମାର ସାହୁ, ସଦସ୍ୟ ଅଜିତ କୁମାର ମିଶ୍ର, ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀ ସାତକୋଶିଆରେ ଛଡ଼ାଗଲା ୭ କୁମ୍ଭୀର


ସାତକୋଶିଆ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ଛଡ଼ାଯାଉଛି।

**ନୟାଗଡ଼/ଗଣିଆ,୧୬।୪ (ଲୋକନାଥ ମିଶ୍ର/ ସନ୍ତୋଷ କୁମାର ପ୍ରଧାନ)**

ମହାନଦୀର ସାତକୋଶିଆ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ବଂଶବୃଦ୍ଧି କରିବାକୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ପ୍ରୟାସ ଜାରିରହିଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଅଣାଯାଇଥିବା ୫ଟି ଘଡିଆଳ କୁମ୍ଭୀରକୁ ବୁଧବାର ପୂର୍ବାହ୍ନରେ କୁଶଙ୍ଗ ବନାଞ୍ଚଳ ଅନ୍ତର୍ଗତ ଶୀତଳପାଣି ଫରେଷ୍ଟ ସେକ୍ସନର ମହାନଦୀର ସୁନାଖଣିଆଠାରେ ଛଡ଼ାଯାଇଛି। ଅପରାହ୍ନରେ ଆଉ ୨ଟି କୁମ୍ଭୀରଙ୍କୁ ଟିକରପଡ଼ାରୁଆଣି ଛଡାଯାଇଥିବା ଜଣାପଡିଛି। କୁମ୍ଭୀର ଛଡାଯିବା ସମୟରେ ବନ୍ୟପ୍ରାଣୀ ବିଭାଗର ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା,

**ଘଡ଼ିଆଳ ବଂଶବୃଦ୍ଧି ପାଇଁ ପ୍ରୟାସ**

ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଧାଂଶୁ ଶେଖର ଖୋରା, ସିସିଏଫ ଡ. ଭି. ନାୟାର, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା, ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ ସୁଦର୍ଶନ ମହାରଣା, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଦେବୀ ପ୍ରସାଦ ରାଉତ, ସୁଦୀପ୍ତ ମହାପାତ୍ର, ବାୟୋଲୋଜିଷ୍ଟ ଡ. ରାଜେଶ କୁମାର ମହାପାତ୍ର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପ୍ରାଣୀଧନ ନିରୀକ୍ଷକ ଡ. ଶରତ କୁମାର ସାହୁ, କୁଶଙ୍ଗ ବନାଞ୍ଚଳ ଅଧିକାରୀ ସଂସାରୀ ବର୍ଗିଆ, ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ବନା ଞ୍ଚଳରୁ ଆସିଥିବା ବନାଞ୍ଚଳ ଅଧିକାରୀ ଓ ବନ କର୍ମଚାରୀ ଉପସ୍ଥିତ ରହିଥିଲେ। ପ୍ରକାଶଥାଉ କି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୯ ବର୍ଷ ମଧ୍ୟରେ ୨୦୧୬-୧୭ ମସିହାରେ ୪ଟି ଓ ୨୦୧୯ରେ ୨ଟି ଓ ୨୦୨୧ ଜାନୁଆରୀ ୫ରେ ୬ଟି ଓ ପରେ ୪ଟି, ୨୦୨୫ ଏପ୍ରିଲ ୧୬ରେ ୭ଟି ଏପରି ମୋଟରେ ୨୩ଟି ଘଡ଼ିଆଳ କୁମ୍ଭୀର ମହାନଦୀରେ ଛଡ଼ାଯାଇଛି। ତେବେ ମହାନଦୀର ସାତକୋଶିଆ ଗଣ୍ଡ ଅଞ୍ଚଳରେ ମଗର ପ୍ରଜାତିର କୁମ୍ଭୀର ଦେଖାଯାଉଥିବା ବେଳେ ଘଡିଆଳ ପ୍ରଜାତିର କୁମ୍ଭୀରଙ୍କ ସଂଖ୍ୟା କମି ଚାଲିଛି। ଏହାର ବଂଶବୃଦ୍ଧି ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବାରମ୍ବାର ପ୍ରୟାସ ଜାରି ରହିଛି।

# ଦଶପଲ୍ଲାରେ ରେଳବାଇର ସର୍ବୋଚ୍ଚ ଅଧିକାରୀ

**ଦଶପଲ୍ଲା, ୧୬।୪( ପ୍ରକାଶ କୁମାର ପାଣି)**

ବୁଧବାର ରେଳ ବିଭାଗର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ଏବଂ ଖୋର୍ଦ୍ଧାରୋଡ଼ ଡିଭିଜନର ଏଡିଆରଏମ ପ୍ରଦୀପ କୁମାର ବେହେରା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବୌଦ୍ଧ ଚାରିଛକ ପର୍ଯ୍ୟନ୍ତ ଅଗ୍ରଗତି ବିଷୟରେ ପରିଦର୍ଶନ କରିବାକୁ ଆସିଥିଲେ। ବିମାନ ବନ୍ଦରରୁ ଭୁବନେଶ୍ୱର ଷ୍ଟେଶନ ଏବଂ ସେଠାରୁ ଏକ ସ୍ୱତନ୍ତ୍ର ରେଳ ଯୋଗେ ଦଶପଲ୍ଲା ଆସିଥିଲେ। ଏଠାରୁ ସଡ଼କ ପଥରେ ଚାରିଛକ ଯାଇଥିଲେ। ତେବେ ଦଶପଲ୍ଲାରେ ପରମେଶ୍ୱର ଜି ପହଞ୍ଚିବା ପରେ ପ୍ରେସ୍‌କ୍ଲବ ଦଶପଲ୍ଲାର ଖବରଦାତାମାନେ ତାଙ୍କୁ ଯାତ୍ରୀମାନଙ୍କ କେତେକ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷତଃ ଷ୍ଟେଶନ ବାହାର ଆଲୋକୀକରଣ, ବିଶ୍ରାମାଗାର ଖୋଲା ରଖିବା, ମହିଳା ପୋଲିସ ନିଯୁକ୍ତି, ପ୍ଲାଟଫର୍ମକୁ ବଢ଼େଇବା ସହ ଚୌକି ବ୍ୟବସ୍ଥା, ମେମୁ ଟ୍ରେନ ତୁରନ୍ତ ଚଳାଇବା, ବୟସ୍କ ଲୋକଙ୍କ ପାଇଁ ହ୍ୱିଲ ଚେୟାର ଆଦି ଅନେକ କଥା ଆଲୋଚନା କରିଥିଲେ। ରେଳ ବିଭାଗର ଜେନେରାଲ ମ୍ୟାନେଜର ପରମେଶ୍ୱର ସଙ୍ଗେ ସଙ୍ଗେ ଷ୍ଟାଫମାନଙ୍କୁ ତୁରନ୍ତ ଏସବୁ ଦାବି ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଭୁଙ୍କ ରାଜାଭିଷେକ ବେଶ ଦେଖିବାକୁ ଭିଡ଼


ଶ୍ରୀ ରଘୁନାଥଜୀଉଙ୍କ ରାଜାଭିଷେକ ବେଶ।

**ଓଡ଼ଗାଁ, ୧୬।୪(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ନବଦିନ ସନ୍ଧ୍ୟା ବେଶର ବୁଧବାର ପ୍ରଭୁଙ୍କ ରମଣୀୟ ରାଜ୍ୟାଭିଷେକ ବେଶ ଅନୁଷ୍ଠିତ ହୋଇଛି। ବହୁ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ଲାଭ କରିଥିବା ବେଳେ ଓଡ଼ଗାଁ ସହର ଅଯୋଧ୍ୟା ନଗରୀର ଭ୍ରମ ସୃଷ୍ଟି କରିଥିଲା। ରାମାୟଣରେ ଶ୍ରୀରାମଙ୍କ ଜନ୍ମଠାରୁ ସୀତା ବିବାହ ଏବଂ ବନବାସଠାରୁ ରାଜ ସିଂହାସନ ଆରୋହଣ ପର୍ଯ୍ୟନ୍ତ ଘଟଣାକ୍ରମ ସହ ଦର୍ଶନାର୍ଥିଙ୍କ ଭାବାବେଗ ଯୋଡି ହୋଇ ରହିଥିଲା। ପ୍ରଭୁଙ୍କ ୧୪ବର୍ଷର ବନବାସ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଯେତିକି ବ୍ୟଥିତ କରିଥିଲା ଆଜିର ରାଜ୍ୟାଭିଷେକରେ ସମସ୍ତଙ୍କୁ ଶତ ଗୁଣ ଆନନ୍ଦ ଭରି ଦେଇଥିଲା। ରତ୍ନସିଂହାସନରେ ବିଜେ ପ୍ରଭୁ ଶ୍ରୀରାମଙ୍କ ଶାନ୍ତକାନ୍ତ ନବ ଦୂର୍ବାଦଳ ରୂପକାନ୍ତି ପ୍ରଭୁଙ୍କ ସହ ଜଗଜ୍ଜନନୀ ମା' ସୀତା ବସିଥିବାବେଳେ ପଶ୍ଚାତରେ ଲକ୍ଷ୍ମଣ ଛତ୍ରଧାରୀ ଦଣ୍ଡାୟମାନ ଭରତ, ଶତ୍ରୁଘ୍ନଙ୍କ ଚାମର ଓ ଆଲଟ ସେବା ଭ୍ରାତୃପ୍ରେମର ନିଦର୍ଶନ ଦେଖାଇଥିବା ବେଳେ ପରମ ଭକ୍ତ ହନୁମାନ ପ୍ରଭୁଙ୍କ ପାଦପଦ୍ମରେ ନମନ ମୁଦ୍ରାରେ ପ୍ରଣାମ କରୁଥିବା ଦୃଶ୍ୟ ବର୍ଷରେ ଥରେ ଦୃଶ୍ୟମାନ ହୁଏ। ମିତ୍ର ବିଭିଷଣ, ସୁଗ୍ରୀବ, ନଳ, ନୀଳ, ଅଙ୍ଗଦ, ସୁଷେଣ, ଜାମ୍ବବାନ, ସମେତ ଇନ୍ଦ୍ର, ବ୍ରହ୍ମା, ଶିବ ଓ କୁଳଗୁରୁ ବଶିଷ୍ଠଙ୍କ ଉପସ୍ଥିତିରେ ଦୃଶ୍ୟ ଅଯୋଧ୍ୟାର ରାଜ ଦରବାରର ପ୍ରତୀୟମାନ ହେଉଥିଲା। ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର,

**ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରା**

ଅନ୍ୟାୟ ଉପରେ ନ୍ୟାୟର, ପାପ ଉପରେ ପୁଣ୍ୟର ବିଜୟ ଉତ୍ସବ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକ ଓ ସୁଆର ପରିଷଦର ସମସ୍ତ କର୍ମକର୍ତ୍ତା, ସମସ୍ତ ବେଶକାରୀ ପୂଜାପଣ୍ଡା, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ଶୃଙ୍ଖଳାର ସହ ଠାକୁରଙ୍କ ନୀତି ସମ୍ପାଦନରେ ସହଯୋଗ କରିଥିଲେ। ପ୍ରତିଦିନ ସ୍ଥାନୀୟ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମନ୍ଦିର କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସହ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ସ୍ଥାନୀୟ ଯାତ୍ରାଦାଣ୍ଡ ବ୍ୟତିରେକ ମହୋତ୍ସବ ପଡିଆରେ ମିନାବଜାର, ଦୋଳି ଓ ପସରା ଆଦିରେ ଲୋକେ ବେଶ୍ କିଣାକିଣି କରିଛନ୍ତି।

**ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ୧୧ତମ ଦିବସ**

# ମଞ୍ଚସ୍ଥ ହେଲା ସୀତା ହରଣ

**ଦଶପଲ୍ଲା, ୧୬।୪ (ପ୍ରକାଶ କୁମାର ପାଣି)**

ଦଶପଲ୍ଲାରେ ଚାଲିଥିବା ଭାରତ ପ୍ରସିଦ୍ଧ ଐତିହାସିକ, ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ବୁଧବାର ୧୧ତମ ଦିବସରେ ପହଞ୍ଚିଛି। ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ପୂର୍ବାହ୍ନରେ ସୀତାହରଣ ନୀତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ନାଟ୍ୟ ମଣ୍ଡପ ଓ ଅନତି ଦୂର ମୁକ୍ତାକାଶ ରଙ୍ଗମଞ୍ଚରେ ରାତିରେ ଶ୍ରୀରାମଲୀଳାଭିନୟ ନିର୍ଣ୍ଣାୟକ ସୋପାନରେ ପହଞ୍ଚିଛି। ପଞ୍ଚବଟିରେ ବନ ଭ୍ରମଣ ସମୟରେ ଦୈତ୍ୟ ରାବଣର ଭଗିନୀ ସୂର୍ପଣଖା ଶ୍ରୀରାମଙ୍କ ପୌରୁଷତ୍ୱରେ ଆକର୍ଷିତ ହୋଇ ପ୍ରଭୁ ଶ୍ରୀରାମଙ୍କୁ ପ୍ରେମ ନିବେଦନ ସହ ବିବାହ ପ୍ରସ୍ତାବ ଦିଏ। ଅନୁଜ ଲକ୍ଷ୍ମଣ, ରାକ୍ଷସୀର ଏହି ଅକ୍ଷମଣୀୟ କାର୍ଯ୍ୟରେ ପ୍ରତିକ୍ରିୟାଶୀଳ ହୋଇ ନାସା, କର୍ଣ୍ଣ ଛେଦନ କରନ୍ତି। ଭଉଣୀ ଅପମାନରେ ଉତ୍କ୍ଷିପ୍ତ ଭ୍ରାତା ରାବଣ ପ୍ରତିଶୋଧ ପରାୟଣ ହୋଇ ମାରୀଚକୁ ମାୟାମୃଗ ଭାବେ ପ୍ରେରଣ କରି ପ୍ରଭୁ ରାମଚନ୍ଦ୍ର ଓ ଅନୁଜ ଲକ୍ଷ୍ମଣଙ୍କୁ ଅନତି ଦୂରକୁ ନେଇଯାନ୍ତି। ଏହି ଅବସରରେ ପଞ୍ଚବଟୀରୁ ସୀତାଙ୍କୁ ମାୟାଯତି ବେଶରେ ଛଳନା ପୂର୍ବକ ଅପହରଣ କରି ପୁଷ୍ପକ ବିମାନରେ ଲଙ୍କା ଅଭିମୁଖେ ଅଗ୍ରସର ହୁଏ। ଆକୁଳ କ୍ରନ୍ଦନରତା ସୀତା ନିଜେ ପିନ୍ଧିଥିବା ଗହଣା ଗୋଟି ଗୋଟି କରି ତଳକୁ ନିକ୍ଷେପ କରନ୍ତି। ପକ୍ଷୀରାଜ ଜଟାୟୁ ତଥା ଦଶରଥଙ୍କ ମୈତ୍ର ରାବଣର ପଥ ଅବରୋଧ କରନ୍ତେ। ପରାକ୍ରମୀ ରାବଣ ଚନ୍ଦ୍ରହାସ ଖଡଗରେ ଜଟାୟୁଙ୍କ ପକ୍ଷ ଛେଦନ କରନ୍ତି। ତଥାପି ସୀତାଙ୍କ ଆଶୀର୍ବାଦରେ ଜଟାୟୁ ବଞ୍ଚି ରହି ଶ୍ରୀରାମଙ୍କୁ ସୀତା ଅପହରଣର ବାର୍ତ୍ତା ଦେଇ ଦେହତ୍ୟାଗ କରନ୍ତି। ଏହି ଲୀଳାଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ମନମୁଗ୍ଧକର ହୋଇଥିଲା। ସୀତା ହରଣ ଏବଂ ସୀତାଙ୍କ କ୍ରନ୍ଦନର ଦୃଶ୍ୟ କେତେଜଣଙ୍କ ଲୋତକରେ ଲୁହ ପୂର୍ଣ୍ଣ ହୋଇଯାଇଥିଲା। ଯାତ୍ରାର ମୁଖ୍ୟ ଆକର୍ଷଣ ହେଲା ମୁଖ୍ୟ ମଣ୍ଡପ ନିକଟରେ ରାବଣ ପୂଜନ ବିଧି ପଣାଭୋଗ ଓ ସୁଦୃଶ୍ୟ, ସୁସଜ୍ଜିତ ୩୫ ଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ବିଂଶବାହୁ ଦଶମୁଖ ବିଶିଷ୍ଟ ଚଳନ୍ତି କ୍ଷମ ରାବଣ, ପୁଷ୍ପକ ବିମାନ ଓ ଏହା ପ୍ରଥମ ଶ୍ରେଣୀ ଭାରଦଣ୍ଡ ତତ୍ତ୍ୱରେ ପର୍ଯ୍ୟବେଶିତ ତତ୍କାଳୀନ ପ୍ରଯୁକ୍ତି ବିଦ୍ୟା ଅନନ୍ୟ ଓ କଳା କାରିଗିରିର ଉତ୍କୃଷ୍ଟ ପ୍ରମାଣ ବହନ କରୁଛି।



ମାରିଚ ହରିଣକୁ ରାମଚନ୍ଦ୍ର ମାରିବାକୁ ଯାଉଥିବା ବେଳେ ରାବଣ ସୀତାଙ୍କୁ ଚୋରି କରି ନେଉଥିବା ଦୃଶ୍ୟ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ବିଦ୍ୟମାନ ଏବଂ ପ୍ରତ୍ୟାଶିତ ଉତ୍ପାଦନ ଉପସ୍ଥିତି ଏବଂ ଦୀର୍ଘ ସ୍ଥାୟିତ୍ୱ ପଦକ୍ଷେପ ସୁନିଶ୍ଚିତ କରିବାକୁ ଯାଉଛି। କମ୍ପାନୀ ଭାରତର ନୂତନ ସବୁଜ ଇସ୍ପାତ ବର୍ଗୀକରଣର ଅନୁରୂପ ସବୁଜ ଇସ୍ପାତର ଏକ ମହତ୍ତ୍ୱପୂର୍ଣ୍ଣ ଅନୁପାତ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ଏହାକୁ ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ ବୋଲି ଆଶା କରାଯାଉଛି। କମ୍ପାନୀର ଏହି ପ୍ରୟାସ ସହ ଏହା ପ୍ରଥମ ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ୩ ଷ୍ଟାର ରେଟିଂ ହାସଲ କରିବାକୁ ପ୍ରସ୍ତୁତ ରହିଛି।

AM/NS INDIA
ArcelorMittal Nippon Steel India

ଭାରତ ଇସ୍ପାତ ଶିଳ୍ପର ଡିକାର୍ବନାଇଜେଶନକୁ ଆଗେଇନେବା ଏବଂ ଭାରତ ପାଇଁ ଓ ଭାରତରୁ ସବୁଜ ଇସ୍ପାତର ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ କାର୍ବନ ଇସ୍ପାତର ସରଞ୍ଜନା ଉପରେ ଏକ ସାଧାରଣ ପରିଭାଷା ଏବଂ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଡିସେମ୍ବରରେ ଭାରତ ପାଇଁ ସବୁଜ ଇସ୍ପାତ ବର୍ଗୀକରଣର ପ୍ରକାଶନ କରାଯାଇଥିଲା। ବର୍ଗୀକରଣରେ ପରିଭାଷିତ ସବୁଜ ଇସ୍ପାତକୁ ଉତ୍ପାଦନ ହେଉଥିବା ଇସ୍ପାତ କାରଖାନାର ନିର୍ଗମନ ତୀବ୍ରତା ଆଧାରରେ ବର୍ଗୀକୃତ କରାଯାଇଥାଏ। ଏପରିକି ଯୋଗ୍ୟତା ଅର୍ଜନ କରିବା ପାଇଁ କାର୍ବନ ଡାଇଅକ୍ସାଇଡ୍ ସମକକ୍ଷ (କାର୍ବନ ଡାଇଅକ୍ସାଇଡ୍) ନିର୍ଗମନ ତୀବ୍ରତା ପ୍ରତି ଟନ ପିଛା ପ୍ରସ୍ତୁତ ଚୂଡ଼ାନ୍ତ ଇସ୍ପାତରେ ୨.୨ ଟନ କାର୍ବନ ଡାଇଅକ୍ସାଇଡ୍‌ରୁ କମ୍ ହେବା ଆବଶ୍ୟକ ବୋଲି କୁହାଯାଉଛି। ଏହି ସୀମାଠାରୁ ଅଧିକ ନିର୍ଗମନ ତୀବ୍ରତା ଥିବା ଇସ୍ପାତ ସବୁଜ ରେଟିଂ ପାଇଁ ଯୋଗ୍ୟ ହେବ ନାହିଁ ଏବଂ ଏହା ତଳେ ଉତ୍ପାଦିତ ଇସ୍ପାତକୁ ତ୍ରିସ୍ତରୀୟ ବ୍ୟବସ୍ଥା ଯଥା ୩ ଷ୍ଟାର, ୪ ଷ୍ଟାର କିମ୍ବା ୫ ଷ୍ଟାର ସବୁଜ ଇସ୍ପାତରେ ମୂଲ୍ୟାଙ୍କନ କରାଯିବ। ଏ ସମ୍ପର୍କରେ ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍ ଏହାର ବାଧ୍ୟତାମୂଳକ ସ୍ଥିତି ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସବୁଜ ଇସ୍ପାତର ବର୍ଗୀକରଣକୁ ଗ୍ରହଣ କରିବା ବିକଳ୍ପ ନୁହେଁ; ଏହା ନିତ୍ୟାନ୍ତ ଜରୁରୀ। ଏହା ୨୦୩୦ ସୁଦ୍ଧା ଇସ୍ପାତ ପ୍ରସ୍ତୁତିରେ ଟନ୍ ପିଛା କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ତୀବ୍ରତା ୨.୨ ଟନ୍‌କୁ ହ୍ରାସ କରିବାରେ ସହାୟତା କରିବ ଓ ଏହା ଦ୍ୱାରା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରାଯାଇପାରିବ। ସେହିଭଳି ଏଏମ୍‌ଏନ୍‌ଏସ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତ ୨୦୭୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପାଇଁ ନିଜର ଡିକାର୍ବନାଇଜେଶନ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବାବେଳେ ଏହା ବିଶ୍ୱର ପ୍ରଥମ ସବୁଜ ଇସ୍ପାତ ବର୍ଗୀକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏହି ଐତିହାସିକ ପଦକ୍ଷେପ ଇସ୍ପାତ ଶିଳ୍ପକୁ ଦୀର୍ଘସ୍ଥାୟୀ ହେବା ପାଇଁ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରଦାନ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏହି ଦୃଷ୍ଟିକୋଣ ସହ ଦୃଢ଼ଭାବେ ଯୋଡ଼ିହୋଇଛି ଏବଂ ଆମେ ଯେଉଁ ପଦକ୍ଷେପ ନେଇଛୁ ତାହା ଆମକୁ ବର୍ଗୀକରଣ କାର୍ଯ୍ୟକାରୀ ହେବା ସମୟରେ ଏଥି ପାଇଁ ପ୍ରସ୍ତୁତ ରଖିବ ବୋଲି ଆମର ଆତ୍ମବିଶ୍ୱାସ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସବୁଜ ଏବଂ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦ ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ଦକ୍ଷତାର ସହ ରପ୍ତାନିକରିବା ଏବଂ ଏକ ସବୁଜ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସହାୟତା କରୁଛି। ଏହି କମ୍ପାନୀ ଭାରତର ସର୍ବନିମ୍ନ କାର୍ବନଭିତ୍ତିକ ଇସ୍ପାତ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା ଭାରତକୁ ସବୁଜ ଇସ୍ପାତ ବର୍ଗୀକରଣ ପ୍ରଣାଳୀ କାର୍ଯ୍ୟକାରୀ କରାଇବା ଦିଗରେ ଅଗ୍ରଗାମୀ କରାଉଛି।

# ସ୍ମାର୍ଟଏସ୍ ପ୍ରୋଗ୍ରାମର ସମ୍ପ୍ରସାରଣ



**ନୂଆଦିଲ୍ଲୀ,୧୬।୪**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସ୍ମାର୍ଟଏସ୍ ପ୍ରୋଗ୍ରାମ'ର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାବ୍‌ଲେଟ ବର୍ଗରେ ଏହାର ସ୍ମାର୍ଟଏସ୍ ପ୍ରୋଗ୍ରାମର ବିସ୍ତାର କରାଯାଉଛି। ଏହି ପ୍ରୋଗ୍ରାମ ସ୍ୱତନ୍ତ୍ର ଗ୍ରାହକ ଆବଶ୍ୟକତା ଓ ଉପଯୋଗିତା ଉପରେ ଆଧାରକରି ବିଶେଷଜ୍ଞଙ୍କ ପରାମର୍ଶ ମାଧ୍ୟମରେ ଡିଭାଇସ୍ ଚୟନକୁ ସରଳ କରୁଛି। ସେହିପରି ଲାପଟପ ବର୍ଗରେ ସଫଳତା ପରେ ଆମାଜନ ଟାବଲେଟ ବର୍ଗରେ ଏହି ପ୍ରୋଗ୍ରାମକୁ ସମ୍ପ୍ରସାରଣ କରିଛି। ୨୦୨୪ ରେ ୨୬%ର ବାର୍ଷିକ ଅଭିବୃଦ୍ଧି ସହିତ ଟାବ୍‌ଲେଟଗୁଡ଼ିକ ଆମାଜନ ଇଣ୍ଡିଆ ପାଇଁ ଉଚ୍ଚ ଅଭିବୃଦ୍ଧି ବର୍ଗର ଅନ୍ତର୍ଗତ ରହିଛି। ସ୍ମାର୍ଟଏସ୍ ପ୍ରୋଗ୍ରାମର ପ୍ରମୁଖ ଲାଭଗୁଡ଼ିକ ମଧ୍ୟରେ ପ୍ରତ୍ୟେକ ବ୍ୟବହାର ପାଇଁ କ୍ୟୁରେଟେଡ୍ ସିଲେକ୍ସନ, ଟପ୍-ରେଟେଡ୍ ପର୍‌ଫର୍ମାନ୍ସ, ବିଶେଷଜ୍ଞଙ୍କ ପରାମର୍ଶ, ଚମତ୍କାର ମୂଲ୍ୟ ସାମିଲ ରହିଛି। ସେହିଭଳି ଏହି ପ୍ରୋଗ୍ରାମ ପ୍ରତିଦିନ ବ୍ୟବହାରଠାରୁ ଆରମ୍ଭକରି ଶିକ୍ଷା, ମନୋରଞ୍ଜନ, ବୃତ୍ତିଗତ ପ୍ରୟୋଗ ଓ ଗେମିଂ ଆଦି ବିଭିନ୍ନ ଉପଭୋକ୍ତା ଆବଶ୍ୟକତା ଉପରେ ଆଧାରକରି ଡିଭାଇସ୍‌ଗୁଡ଼ିକର ବର୍ଗୀକରଣ କରିଛି। ପ୍ରତ୍ୟେକ ବର୍ଗ ପାଇଁ ଏକ ସ୍ୱାଧୀନ ଟେକ୍ନିକାଲ ଏଜେନ୍ସି ଉତ୍ପାଦଗୁଡ଼ିକ ନିଶ୍ଚିତ ରୂପେ ପୂରଣ କରୁଥିବା କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥାପନ କରୁଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବିଭାଗର ନିର୍ଦ୍ଦେଶକ ଜେବା ଖାନ କହିଛନ୍ତି, ସ୍ମାର୍ଟଏସ୍ ପ୍ରୋଗ୍ରାମ କ୍ରୟ ଅନୁଭୂତିକୁ ବହୁମାତ୍ରାରେ ଉନ୍ନତ କରିବା ସହ ଏହା ସଠିକତା ପାଇଁ ଚମତ୍କାର ମତାମତ ହାସଲ କରିଛି। ଗ୍ରାହକଙ୍କ ତଥ୍ୟ ଉନ୍ମୋଚନ କରିଛି, କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଓ ଟେକ୍ନିକାଲ ସ୍ପେସିଫିକେଶନରେ ଉପଲବ୍ଧ ବିଭିନ୍ନ ବିକଳ୍ପକୁ ନେଇ ଗ୍ରାହକମାନେ ପ୍ରାୟତଃ ଦ୍ୱନ୍ଦରେ ପଡିଥାନ୍ତି। ଏହି ପ୍ରୋଗ୍ରାମ ଉକ୍ତ ଆହ୍ୱାନକୁ ଦୂର କରିଛି। ସେହିଭଳି ଏହି ପ୍ରୋଗ୍ରାମର କ୍ୟୁରେଟେଡ୍ ସିଲେକ୍ସନରେ ସାମ୍‌ସଙ୍ଗ, ଲେନୋଭୋ, ଆସୁସ, ଅନର, ଏସର ଓ ଏଚପି ଭଳି ଅଗ୍ରଣୀ ବ୍ରାଣ୍ଡଗୁଡ଼ିକର ଟପ-ରେଟେଡ୍ ଟାବଲେଟ ସାମିଲ ରହିଛି। ଲାପ୍‌ଟପ୍ ପାଇଁ ଆରମ୍ଭ କରାଯିବା ପରଠାରୁ ସ୍ମାର୍ଟଏସ ପ୍ରୋଗ୍ରାମ ବିକ୍ରି କ୍ଷେତ୍ରରେ ୩ଗୁଣ ବୃଦ୍ଧି ପାଇଛି ଏବଂ ୨୦୨୪ ରେ ପ୍ରିମିୟମ ଲାପଟପ କ୍ରୟରେ ୩୦% ବୃଦ୍ଧିର ଯୋଗଦାନ ଦେଇଛି। ଆମାଜନ ଡଟ ଇନରେ ସ୍ମାର୍ଟଏସ ପ୍ରୋଗ୍ରାମ ଅଧୀନରେ ଉପଲବ୍ଧ କିଛି ଲୋକପ୍ରିୟ ଡିଭାଇସଗୁଡ଼ିକ ମଧ୍ୟରେ ଲେନୋଭୋ ଟାବ ପ୍ଲସ, ଏସର ସ୍ୱିଫ୍ଟ ଗୋ ୧୪ ବିଲ୍ଟ-ଇନ ଏଆଇ ପିସି ପ୍ରିମିୟମ ଲାପଟପ, ସାମସଙ୍ଗ ଗ୍ୟାଲାକ୍ସି ଟାବ ଏସ୍୯ ଏଫଇ, ଲେନୋଭୋ ଆଇଡିଆପ୍ୟାଡ ଫ୍ଲେକ୍ସ୫, ଏଚପି ଭିକ୍ଟସ, ୧୩ ଜେନ୍ ଇଂଟେଲ କୋର ଆଇ୭, ଆସୁସ୍ ଭିଭୋବୁକ ୧୫ ଆଦି ସାମିଲ ରହିଛି।

# ଡା. ପ୍ରଜ୍ଞା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷା

**ଭୁବନେଶ୍ୱର,୧୬।୪ (ଅଭୟ ଦାଶ)**

ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ମହିଳା ଉଦ୍ୟୋଗୀ ଡା. ପ୍ରଜ୍ଞା ପାରମିତା ମିଶ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଭୁବନେଶ୍ୱରର ମେ ଫେୟାର ହେଟୋଲରେ ଏକ ସ୍ୱତନ୍ତ୍ର ସମାରୋହ 'ଚେଞ୍ଜ ଅଫ୍ ଗାର୍ଡ ସେରିମନି'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାରୋହାର ସାରମର୍ମ ସହ ସରକାରଙ୍କ ସହିତ ଚାପ୍ଟର ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ବିଧବଦ୍ଧ ଭାବେ ଡା. ପ୍ରଜ୍ଞା ଚାପ୍ଟରର ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ଏହି ଦାୟିତ୍ୱରେ ଥିଲେ। ସେହିପରି ଚାପ୍ଟରର ନୂତନ ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲାବେଳେ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷ ପଞ୍ଚମୀ ମନୋଓକ୍‌ଲି ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚାପ୍ଟରର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।


ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ପ୍ରତିଷ୍ଠାତା ଅଧ୍ୟକ୍ଷା ଧରିତ୍ରୀ ପଟ୍ଟନାୟକଙ୍କଠାରୁ ଡା. ପ୍ରଜ୍ଞା ପାରମିତା ମିଶ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଚାପ୍ଟରର ବରିଷ୍ଠ ଉପାଧ୍ୟକ୍ଷା ପଞ୍ଚମୀ ମାନୁ ଉକିଲ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୯ରେ ଆଇସିସିର ଜାତୀୟ ସମ୍ମିଳନୀ

**ଭୁବନେଶ୍ୱର,୧୬।୪**

ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ(ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଦିନିକିଆ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ମେ ଫେୟାର ହୋଟେଲରେ ହେବାକୁ ଯାଉଛି। ଏପରିକି ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ପାଇଁ ଆଇସିସି ଏହି ସମ୍ମିଳନୀ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ଆଇସିସି ରାଜ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇସିସି ରାଜ୍ୟ ପରିଷଦ ଅଧ୍ୟକ୍ଷ ରାଜୀବ ସାହୁଙ୍କ ସମେତ ଆଇସିସିର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ସଦସ୍ୟ ଫାଇନାନ୍ସ କମିଟି କ୍ଷିତୀଶ ପାତ୍ର ଓ ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ସାହୁ କହିଛନ୍ତି, ଏକ ଆର୍ଥିକ ଶକ୍ତିଶାଳୀ ରାଜ୍ୟ ଭାବେ ବର୍ତ୍ତମାନ ଓଡ଼ିଶା ଉଭା ହୋଇଛି। ଆମେ ୨୦୩୬ର ମାଇଲଖୁଣ୍ଟ ବର୍ଷ ପାଖକୁ ଆସୁଥିବାରୁ ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ରାଜ୍ୟର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହ ଏହାର ପଦକ୍ଷେପଗୁଡ଼ିକୁ ସମନ୍ୱୟ କରିବାକୁ ପ୍ରତିବଦ୍ଧ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଆମେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟିକୁ ସହଜ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଦ୍ରୁତ ଅଭିବୃଦ୍ଧିକୁ ଉତ୍ତେଜିତ କରିପାରିବ। ଆଇସିସି କ୍ଷେତ୍ରୀୟ ପଦକ୍ଷେପ, କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଏବଂ ଉଚ୍ଚ ପ୍ରଭାବ ନୀତି ସୁପାରିସ ମାଧ୍ୟମରେ ଏହାର ସଦସ୍ୟ ଏବଂ ଶିଳ୍ପ ଖେଳାଳିମାନଙ୍କୁ ପ୍ରତିଯୋଗିତାମୂଳକ ଧାରା ପ୍ରଦାନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି।

# ଶେୟାର ବଜାର କାରବାରରେ ଉତ୍ସାହ



**ମୁମ୍ବାଇ,୧୬।୪**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୦୯ (୩୦୯.୪୦) ପଏଣ୍ଟ ବୃଦ୍ଧି ଘଟି ୭୭,୦୪୪ (୭୭,୦୪୪.୨୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୯ (୧୦୮.୬୫) ପଏଣ୍ଟ ବଢ଼ି ୨୩,୪୩୭ (୨୩,୪୩୭.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରେଡ୍‌ମି ଏ୫ର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଜିଓମି(ଏମ୍‌ଆଇ) ଇଣ୍ଡିଆର ନୂତନ ଉତ୍ପାଦ ତଥା ରେଡ୍‌ମି ଏ୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ୧୨୦ ଏର୍‌ଜେଡ୍ ଉଚ୍ଚ ରିଫ୍ରେସ ହାର ଡିସ୍‌ପ୍ଲେ, ୩୨ଏମପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡ୍‌ମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ। ଏ ସମ୍ପର୍କରେ ଜିଓମି (ଏମ୍‌ଆଇ) ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ ଅନୁଜ ଶର୍ମା କହିଛନ୍ତି, ରେଡ୍‌ମି ଏ୫ ଏକ ପ୍ରବେଶ ସ୍ତରୀୟ ସ୍ମାର୍ଟଫୋନ ଓ ଏହା ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେଗ୍‌ମେଣ୍ଟରେ ସବୁଠାରୁ ବଡ଼ ସ୍ମୁଥ ୧୨୦ଏର୍‌ଜେଡ୍ ଡିସ୍‌ପ୍ଲେ ସହ ଏହା ଏକ ଅତୁଳନୀୟ ସ୍ତରର ଦୃଶ୍ୟ ପ୍ରଦାନ ଓ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥାଏ। ୧୨୦ ଏଚଜେଡ ଉଚ୍ଚ ରିଫ୍ରେସ ହାର ଡିସ୍‌ପ୍ଲେ, ୩୨ଏମ୍‌ପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ।


# Classified Everyday
0674-2580101, 9692975378


REAL ESTATE
**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258


FOR RENT

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call- 7978968374. D-188

Spacious empty land of 70000sft (1.58 acres) available at Balikuda (Oppo- Cuttack Sadar P.S) ideal for warehouse/storage or logistics will connected location with easy access to transportation. Interested parties/person may contact: 7682829927. D-187


Healthcare

Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist, Bapujinagar. 8328803811. D-76909

Herbal full body massage by smart/expert therapist. Contact- 8327740003. D-76442

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-76910

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 15.04.2025, I, Smt. Jyotsna Prava Mohapatra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur, PIN Code- 754106, Odisha, at present residing at EB- 140, Badagada, Brit Colony, P.S.- Badagada, Bhubaneswar- 751018, Dist.- Khurda, Odisha, declare that I have changed my name from Smt. Jyotsna Prava Patra to Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes.
Jyotsna Prava Mohapatra. D-76443

By virtue of an affidavit sworn before the Executive Magistrate, Muniguda on dated 16.04.2025 (Sl No.- 523/25), I Yuddhesti Behera of Village- Bagicha Sahi, P.O./ P.S.- Muniguda, Dist.- Rayagada, date of birth is 20.04.1997, declare that I have changed my name to Judhisthi Behera. Henceforth, I shall be known as Judhisthi Behera for all purposes and my date of birth is 20.04.1997. D-190

By virtue of an affidavit sworn before Notary Public, Bhubaneswar, dated 10.04.25, I, Panchanan Das, Village- Baku, Srimakundapur, Dist.- Puri declare that I have changed my son's name Suryaprasad Das to Sanjay Das. Henceforth, he shall be known as Sanjay Das for all purposes.
Sanjay das
Applicant name D-191

I, Lipsa Pattanaik about the age of 42, Wife/o- Sibabrata Pattanaik, resident of P201, Trident Galaxy, Kalinga Nagar, Bhubaneswar, Dist.- Khorda, PIN- 751003 Odisha declare by this affidavit No.- Vol-I, SL.No.- 369, dtd 15.04.2025, that now onwards I shall be known as **LIPSA MOHANTY** for all future purposes.

I, Kulamani Dewan, R/o- Village/P.O.- Panimora, P.S.- Sohela, Dist.- Bargarh, declare that my daughter's name has been wrongly mentioned as Aryahi Dewan instead of Gargi Dewan in her Aadhaar card bearing No.- xxxx xxxx 7570. By this affidavit No.- 801 dated 15.04.25 sworn before the Notary Public, Sohela, I have changed her name to Gargi Dewan for all future purposes. D-192

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, she shall be known as Rajnandini Acharya for all purposes.
Biswaranjan Acharya D-067

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ


୰ ପ୍ରଫୁଲ କୁମାର ଭଞ୍ଜ
ମୀନାବଜାର, ଢେଙ୍କାନାଳ
ପୂର୍ବତନ ବିଧାୟକ, ଗଁଦିଆ ନିର୍ବାଚନ ମଣ୍ଡଳୀ, ଢେଙ୍କାନାଳ
ଆପଣଙ୍କ ସ୍ନେହ ଓ ମାର୍ଗଦର୍ଶନ ସର୍ବଦା ସ୍ମରଣୀୟ।
ସୌଜନ୍ୟ:- ଶ୍ରୀ ରଜତ କର, ଢେଙ୍କାନାଳ
ତା- ୧୭।୦୪।୨୦୨୫
ଧ-୧୯୪

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି


୰ ପ୍ରଫୁଲ କୁମାର ଭଞ୍ଜ
ପୂର୍ବତନ ବିଧାୟକ, ପୂର୍ବତନ ନଗରପାଳ, ପୂର୍ବତନ ମୀନା ବଜାର ଅଧ୍ୟକ୍ଷ
ଆର୍ବିଭାବ : ୦୧.୦୮.୧୯୩୯
ତିରୋଧାନ : ୦୭.୦୪.୨୦୨୫
**ଏକାଦଶାହ କର୍ମ**
ତା୧୭.୦୪.୨୦୨୫ (ଗୁରୁବାର)
ହତଭାଗ୍ୟ ପୁତ୍ର
ପ୍ରଶାନ୍ତ ଭଞ୍ଜ
ଓ ଭଞ୍ଜ ପରିବାର
ଧ-୧୯୩

'ହେରାଫେରି-୩'ରେ ଅକ୍ଷୟ-ପରେଶ-ସୁନୀଲ



# ହେରା ଫେରି-୩

ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏବଂ ଏ.ଜି. ନାଦିୱାଦୱାଲାଙ୍କ ପ୍ରଯୋଜିତ 'ହେରା ଫେରି' ୨୦୦୦ ମସିହାରେ ପରଦା ଉପରକୁ ଆସିଥିଲା। ମାତ୍ର ୭କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ୨୧ କୋଟିର ବିଜନେସ୍ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ଏହାର ପାର୍ଟ ୩ 'ହେରା ଫେରି ୩'ର ଶୁଟିଂ ଆରମ୍ଭ ହୋଇଯାଇଛି। ଆରମ୍ଭରୁ ଏହା ସହ ଜଡିତ ଅଛନ୍ତି ତ୍ରିମୂର୍ତ୍ତି-ଅକ୍ଷୟ କୁମାର, ସୁନୀଲ ସେଟ୍ଟୀଏବଂ ପରେଶ ରାୱଲ। ଏମାନଙ୍କର ନିଖୁଣ ଅଭିନୟକୁ ଏ ପର୍ଯ୍ୟନ୍ତ ଦର୍ଶକ ମନେ ରଖିଛନ୍ତି। ତେଣୁ ଏହାର ପାର୍ଟ ଥ୍ରୀରେ ମଧ୍ୟ ଏହି ଯୋଡିକୁ ରିପିଟ୍ କରାଯାଇଛି। ଏଥର ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ପ୍ରିୟଦର୍ଶନ-ଫରହାଦ ସାମ୍‌ଜି ଯୋଡି। ଏ ନେଇ ପ୍ରିୟଦର୍ଶନ କହନ୍ତି, ''ସତ କଥା କହିବାକୁ ଗଲେ, ଯେତେବେଳେ ଏକ ହାସ୍ୟରସ ଏବଂ ଅନେକ ଶିକ୍ଷଣୀୟ କଥାକୁ ନେଇ ନିର୍ମିତ 'ହେରା ଫେରି'ର ନିର୍ଦ୍ଦେଶନା ଦେଲି, ସେତେବେଳେ ମୋ ପାଇଁ ଏହା ଏକ ଚ୍ୟାଲେଞ୍ଜ ଥିଲା। ଯାହାହେଉ ସେତେବେଳେ ଏହାକୁ ଦର୍ଶକ ଯେମିତି ଗ୍ରହଣ କଲେ ସେଥିପାଇଁ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ଅକ୍ଷୟ କୁମାର, ସୁନୀଲ ସେଟ୍ଟୀ, ପରେଶ ରାୱଲଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଜାଭେଦ ଜାଫ୍ରି ଏବଂ ଶକ୍ତି କପୁର ପ୍ରମୁଖ ଅଭିନୟ କରୁଛନ୍ତି।

# ଯାହା ଚାହୁଁଥିଲେ ପ୍ରଶାନ୍ତ..

ଥରେ ମନେ ପକାନ୍ତୁ ନା ସୁପରହିଟ୍ ଫିଲ୍ମ 'କେଜିଏଫ'କୁ। ଏହା ତାଙ୍କୁ ରାତାରାତି ଜଣେ ନାମୀ ନିର୍ଦ୍ଦେଶକର ମାନ୍ୟତା ଦେଇଥିଲା। ହଁ, ସେ ହେଲେ ବିଶିଷ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ବାଙ୍ଗାଲୋରରେ ଜନ୍ମିତ ପ୍ରଶାନ୍ତଙ୍କ ପ୍ରଥମ ନିର୍ଦ୍ଦେଶିତ ସିନେମା ଥିଲା ଆକ୍ସନ ଥ୍ରୀଲର 'ଉଗ୍ରମ' (୨୦୧୪)। ଏକ ମଧ୍ୟବିତ୍ତ ପରିବାରେ ଜନ୍ମଗ୍ରହଣ କରିଥିଲେ ସେ। ପରିବାର ଚଳାଇବା ପାଇଁ ପ୍ରଶାନ୍ତ ଚଳଚ୍ଚିତ୍ର ଦୁନିଆରେ ପାଦ ରଖିଥିଲେ। ତାଙ୍କର ମନରେ ଗୋଟିଏ ଆଶା ଥିଲା ଦିନେ ନା ଦିନେ ମୁଁ ଜଣେ ଭଲ ନିର୍ଦ୍ଦେଶକ ହେବି। ଯାହାହେଉ ତାଙ୍କର ଆଶା ପୂରଣ ମଧ୍ୟ ହୋଇଛି। ପାଠ ପଢୁଥିବା ସମୟରେ ସେ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରୁଥିଲେ। ପ୍ରଶାନ୍ତଙ୍କ ବାପାଙ୍କ ଜନ୍ମସ୍ଥାନ ହେଉଛି ଆନ୍ଧ୍ରପ୍ରଦେଶର ନୀଲାକଣ୍ଠପୁରମ। ସେ ନିୟମିତ ସମୟ ବ୍ୟବଧାନରେ ସେଠାକୁ ଯାଇଥାଆନ୍ତି। ତାଙ୍କର ପ୍ରକୃତ ନାମ ହେଉଛି ପ୍ରଶାନ୍ତ ନୀଲାକଣ୍ଠପୁରମ। ହେଲେ ସେ ଏହାକୁ ସଂକ୍ଷିପ୍ତ କରି ପ୍ରଶାନ୍ତ ନୀଲ୍ ରଖିଛନ୍ତି।



## ଅ|ତୀ|ତ|ରୁ

- ଅଜିତ ଦାସ, ଉତ୍ତମ ମହାନ୍ତି, ଶୁଭ୍ରା ପତିଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଝିଅଟି ସୀତା ପରି'। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଧୂ ଭୂଷଣ ନନ୍ଦ। ଗୀତଗୁଡିକୁ ସ୍ୱର ଦେଇଥିଲେ ସରୋଜ ପଟ୍ଟନାୟକ।
- ଓଡ଼ିଆ ସିନେମା 'ସୁବର୍ଣ୍ଣ ସୀତା'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା। ଏଥିରେ ତାଙ୍କର ନାୟିକା ସାଜିଥିଲେ ତ୍ରିପୁରା ମିଶ୍ର। ଶ୍ରୀଦୁର୍ଗା ଫିଲ୍ମସ, କଟକ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ପ୍ରଭାତ ମିଶ୍ର। ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଶିଶିର ମିଶ୍ର।
- ସୁବୋଧ ଚନ୍ଦ୍ର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ତଅପୋଇ'। ଏହାର ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), କ୍ଷଣପ୍ରଭା, ଅନୀତା ଦାସ ଏବଂ ଧୀର ବିଶ୍ୱାଳ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।
- ଓଡ଼ିଆ ଚିତ୍ର 'ପ୍ରିୟତମା'ର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ ଦାସ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରାୟିତ କରିଥିଲେ ଶାନ୍ତନୁ ମହାପାତ୍ର। ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।
- ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ 'କନକଲତା'ରେ ହରିଶ ମହାପାତ୍ର, ସୁଜାତା ଆନନ୍ଦ, ଶାନ୍ତିଲତା ଏବଂ କାଶୀନାଥ ପ୍ରମୁଖ ଅଭିନୟ କରିଥିଲେ। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ବାଳକୃଷ୍ଣ ଦାଶ।

# ସବୁ ଗୁଜବ

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା ସାରା ଅଲ୍ଲୀ ଖାଁ ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସାରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ତେଣୁ ସେଥିପାଇଁ ସେ ପରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୁଁ ଯେ ମୋର ପାରିଶ୍ରମିକକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ।''



ସାରା

## ଅନୁତାପ କରୁଛନ୍ତି ଜାହ୍ନବୀ

ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ସିନେମା 'ଶିମ୍ବା' ପାଇଁ ତାଙ୍କର ପ୍ରଥମ ପସନ୍ଦ ଥିଲେ ଜାହ୍ନବୀ କପୁର। ହେଲେ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଶେଷରେ ଏହି ରୋଲ୍ ପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା। ଏ ବିଷୟରେ ସେ କହନ୍ତି, '' କେତେକ କାରଣରୁ ମୁଁ ଅଫରଟିକୁ ହାତଛଡା କରିଥିଲି। ଏବେ ସେ କଥା ମନେ ପଡିଲେ ଦୁଃଖ ଲାଗେ।'' ଜାହ୍ନବୀଙ୍କ ମା' ତଥା ବଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ଶ୍ରୀଦେବୀ କଦାପି ଚାହୁଁ ନ ଥିଲେ ଯେ ତାଙ୍କର ଝିଅ ଅଭିନୟ ଦୁନିଆରେ ପାଦ ଦେଉ। କିନ୍ତୁ ଜାହ୍ନବୀ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା'ପରେ ସେ ତାଙ୍କ ପଛରେ ଛାଇ ଭଳି ରହିଥିଲେ।



ଜାହ୍ନବୀ

# ଫୁଲ ଗଜରା

ଫୁଲ ଗଜରା ଦେଖିବାକୁ ବେଶ୍ ସୁନ୍ଦର। ବିଶେଷଭାବରେ ମହିଳାଙ୍କ କେଶ ବିନ୍ୟାସକୁ ଏହା ଆହୁରି ଆକର୍ଷଣୀୟ କରିଥାଏ। ସେହି ଫୁଲ ଗଜରାରେ ରହିଛି ଅନେକ କଥା। କେତେବେଳେ ସେ ପ୍ରେମର ସାକ୍ଷୀ ସାଜୁଛି ତ କେତେବେଳେ ପ୍ରେମୀ ଯୁଗଳଙ୍କ ମନର କଥାକୁ ବଖାଣି ବସୁଛି। ହଁ, ଏଭଳି ବିଷୟବସ୍ତୁ ନେଇ ପ୍ରସ୍ତୁତ ହୋଇଛି ଏକ ରୋମାଣ୍ଟିକ ଆଧୁନିକ ସମ୍ବଲପୁରୀ ଆଲବମ୍ ଯାହାର ଟାଇଟଲ ରହିଛି 'ଫୁଲ ଗଜରା'। କେବଳ ସେତିକି ନୁହେଁ, ଏହି ଶୀର୍ଷକକୁ ନେଇ ଆଲବମ୍‌ର ଟାଇଟଲ ଗୀତ ମଧ୍ୟ ରଚନା କରାଯାଇଛି। ତା'ସହ ଏହାର ଦୃଶ୍ୟାୟନ ସମୟରେ ଗୀତଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ମିଳିବ ସେ ନେଇ ଚେଷ୍ଟା କରିଛନ୍ତି ଏହାର ନିର୍ଦ୍ଦେଶକ ଡେଭିଲ୍ ରାଜ୍। ମ୍ୟୁଜିକ୍ ମନ୍ତ୍ର ପ୍ରା.ଲି. ଏହାର ପ୍ରଯୋଜନା କରିଛନ୍ତି। ଅଜୟ ନାଗ ଏହି ରୋମାଣ୍ଟିକ ଗୀତଟିକୁ ରଚନା କରିଥିବା ବେଳେ ତାହାକୁ ସ୍ୱରରେ ସଜାଇଛନ୍ତି ଦିବ୍ୟଲୋଚନ ଦୀପ୍। କଣ୍ଠଦାନ କରିଛନ୍ତି ଅଜୟ ନାଗ ଏବଂ ସୁଶ୍ରୀ ଜିପି। ସ୍ନେହାଶିଷ ରାଉତ ଏବଂ ମେଘା ଶାହା ଗୀତଟିରେ ଅଭିନୟ କରିଛନ୍ତି। ଏହାର ମିଡିଆ ପ୍ଲାନର ଅଛନ୍ତି ଅମରେଶ ବେଉରା।



ସ୍ନେହାଶିଷ-ମେଘା

# ଆଖି କହିବ ମନ କଥା

ଆଖିର ଚାହାଣିରେ ଅନେକ କଥା କହି ହୁଏ। ତେବେ ଜଣକ ମନର କଥାକୁ କିପରି ଆଖି ବୟାନ କରୁଛି ତାହା 'ରାକେଟ୍' ଫିଲ୍ମରେ ଦେଖିବାକୁ ମିଳିବ। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। ହେମନ୍ତ ପାତ୍ରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ବିଜୟ ମଲ୍ଲ। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁସଙ୍ଗୀତରେ ସଜେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫି କରିଛନ୍ତି ଏସ. କେ ମୁରଲୀଧରନ । ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ, ସ୍ମୃତି ରଞ୍ଜନ ମହାନ୍ତି ( ନଟିଆ ), ପିହୁ, ଶୀତୁଲ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ରାଜ୍ୟର ଅଗ୍ରଣୀ ବିତରଣକାରୀ ସଂସ୍ଥା ପ୍ରକାଶ ଫିଲ୍ମସ ଏହାର ବିତରଣ ଦାୟିତ୍ୱରେ ଅଛନ୍ତି।



'ରାକେଟ୍' ଫିଲ୍ମରେ ଶୀତୁଲ

# ସିନେମା-ଯାତ୍ରା ଯନ୍ତ୍ରଣା

ଗତ କିଛିବର୍ଷ ହେଲା ଓଡ଼ିଆ ସିନେମାକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି। ଚଳିତ ବର୍ଷ ଓଡ଼ିଆ ଅପେରା ଜଗତ ଆଲୋଚନାର ପରିସରଭୁକ୍ତ ହୋଇଛି। କେଉଁ କଳାକାର କେଉଁ ଯାତ୍ରା ପାର୍ଟିରେ ଅଭିନୟ କରିବେ ସେ ନେଇ ଯାତ୍ରା ଋତୁ ଶେଷରେ ପରିବେଶ ବେଶ୍ ଉଷ୍ମ ରହିଥାଏ। କଳାକାରମାନେ ଏପଟସେପଟ ହେବା କିଛି ନୂଆ କଥା ନୁହେଁ। ଅନେକ ବର୍ଷ ଧରି ଏହି ଧାରା ଚାଲିଆସିଛି। ହେଲେ ଏବର୍ଷ ଅପେରା ଜଗତରେ ଯେଉଁ କେତୋଟି ଘଟଣା ଘଟିଛି ତାହାକୁ ନେଇ ଆଲୋଚନା ଶେଷ ହେବାର ନାଁ ଧରୁନାହିଁ। ଏ ବିଷୟରେ ତ ଆଲୋଚନା କରିବା ହେଲେ ଆମ ସିନେମା ଜଗତର ଅବସ୍ଥା ମଧ୍ୟ କିଛି କମ୍ ନୁହେଁ। ମାଳ ମାଳ ସିନେମା ରିଲିଜ ହେଉଛି, ହେଲେ ସଫଳ ଚିତ୍ର ସଂଖ୍ୟା କେତେ ତାହା କହିବା ବାହୁଲ୍ୟ। ସ୍ୱପ୍ନ ଦେଖିବା ମନା ନାହିଁ। ଉତ୍ତାରୁ ସିନେମା କରି ବାହା ବା ନେବାକୁ ପ୍ରୟାସ କରିବା ଅପେକ୍ଷା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ ହେବା ଦରକାର। ୧୯୯୯ ମହାବାତ୍ୟା ବେଳଠାରୁ ପ୍ରେକ୍ଷାଳୟ ସଂଖ୍ୟା କମିବାକୁ ଲାଗିଛି। ଆମ ରାଜ୍ୟରେ ଏବେ ପ୍ରାୟ ୬୦ଟି ପ୍ରେକ୍ଷାଳୟ ଅଛି। ଅନେକ ପ୍ରେକ୍ଷାଳୟଗୁଡିକର ପୁନରୁଦ୍ଧାର ହେବା ଦରକାର। ସିନେମାଟିଏ ପ୍ରଯୋଜନା କରିବା ପୂର୍ବରୁ ସେ ସମ୍ପର୍କରେ ନିଜର କିଛି ଜ୍ଞାନ ରହିବା ନିହାତି ଆବଶ୍ୟକ। ଜଣଙ୍କୁ ମାୟାଜାଲରେ ଫସାଇ ସିନେମା ନିର୍ମାଣ କରିବାକୁ କେତେକ ବ୍ୟକ୍ତିବିଶେଷ ପୂରାଦମ୍‌ରେ ଲାଗିପଡନ୍ତି। ଆଉ ତା'ପରେ ଫଳ କ'ଣ ହୁଏ ତାହାର ଉଦାହରଣ ଅନେକ ରହିଛି। କେତେକ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ'ରେ ସୀମିତ ରହିଯାଉଛି। ଅବଶ୍ୟ ଯା ଭିତରେ 'ଦମନ' ଏବଂ 'କର୍ମ' ଭଳି ଓଡ଼ିଆ ଚଳଚ୍ଚିତ୍ର ଦର୍ଶକାଦୃତ ହୋଇପାରିଛି। ତେଣୁ ଏଭଳି ପ୍ରୟାସ ଜାରି ରହିଲେ ଆମେ ଓଡ଼ିଆ ସିନେମାକୁ ନେଇ ନୂଆ ସ୍ୱପ୍ନ ଦେଖିପାରିବା।

ଏବେ ଯାତ୍ରା କଥାକୁ ଆସିବା। ମଞ୍ଚ ଉପରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ବିଳମ୍ବିତ ରାତ୍ରିରେ ଟେଣ୍ଟ ଭିତରେ ପାଖାପାଖି ପାଞ୍ଚ ଘଣ୍ଟା ବାନ୍ଧି ରଖିବା ଛୋଟିଆ କଥା ନୁହେଁ। ଯାତ୍ରା ସହ ଜଡିତ କଳାକାରଟିଏ ନିଜ ଦକ୍ଷତା ଷ୍ଟେଜ ଉପରେ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରେ। କେବଳ କଳାକାର ନୁହନ୍ତି, ନାଟ୍ୟକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଏବଂ ମଞ୍ଚ ପଛରେ ରହି ସାଜସଜା, ଇଲେକ୍ଟ୍ରି, ଶବ୍ଦ ପରିଚାଳନା ଏବଂ ବ୍ୟବସ୍ଥାପନା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ରୋଜଗାର ଏକମାତ୍ର ମାଧ୍ୟମ ହେଲା ଯାତ୍ରା। ଅପେରା ପାର୍ଟିର ମାଲିକ ଟଙ୍କା ଖଟାଇ ଯାତ୍ରା ପାର୍ଟିଟିଏ ଗଢ଼େ। ତା'ପରେ କଳାକାର ଚୟନ, ନାଟକ ଆଦି କାମ ତୁଲାଇବାକୁ ପଡେ। ତେଣୁ ଯାତ୍ରା ହେଉଛି ଏକ ଟିମ୍ ଇଫୋର୍ଟ। ଗୋଟିଏ ଯାତ୍ରା ସିଜନ ପରେ କଳାକାର ଏପଟ ସେପଟ ହୁଅନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରିବେଶ କେତେ ଉଷ୍ମ ହୋଇଛି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏକାଥରେ ଦୁଇଟି ପାର୍ଟିରୁ ଅଗ୍ରିମ ଟଙ୍କା ନେବା ଏବଂ ପରବର୍ତ୍ତୀ ସମୟରେ ସେ ନେଇ ହାଇଭୋଲଟେଜ ଡ୍ରାମା ହେବା ଓ ଶେଷରେ ଦୁଇ ପାର୍ଟିକୁ ଅଗ୍ରିମ ଟଙ୍କା ଫେରସ୍ତ ଦେଇ ଆସନ୍ତା ଯାତ୍ରା ସିଜନରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛନ୍ତି ଅନ୍ୟତମ ଚର୍ଚ୍ଚିତ କଳକାର ପୀୟୂଷ ତ୍ରିପାଠୀ। କେବଳ ସେତିକି ନୁହେଁ ହାସ୍ୟାଭିନେତା ନରି ପଣ୍ଡା ଜଣେ ଯାତ୍ରା ମାଲିକ ତାଙ୍କୁ ମାଡ ମାରିବା ଅଭିଯୋଗ ଆଣିଛନ୍ତି। ଏବେ ଏମିତି ଆରୋପ ପ୍ରତ୍ୟାରୋପ ଯାତ୍ରା ଜଗତରେ ଲାଗି ରହିଛି। ତେବେ ଏହାକୁ ସମାଧାନ କରିବାକୁ କଳାକାର ସଂଘ, ମାଲିକ ସଂଘ ଆଗେଇ ଆସିବା ଉଚିତ। ଯାତ୍ରାରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେଲେ ଯାତ୍ରା ପ୍ରତି ଲୋକଙ୍କର ଆସ୍ଥା ରହିବ। କଳା ଈଶ୍ୱର ପ୍ରଦତ୍ତ। ଏହାକୁ ଟଙ୍କାର ନିକିତିରେ ମାପିବା ଏବଂ ତାହାକୁ ମୂଳଚାଲ କରି ସମାଲୋଚିତ ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ। କଳା ପରିବେଷଣ କରି ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇବାକୁ ପ୍ରତିଟି କଳାକାର ହକଦାର। ହେଲେ ଏହାକୁ ନେଇ ଯଦି ବେପାର ଚାଲେ ତେବେ ସେତେବେଳେ ନା କଳାର ମୂଲ୍ୟ ରହିବ ନା କଳାକାରର। ତେଣୁ ଯାତ୍ରା ଜଗତ ସୁସ୍ଥ ପରିବେଶକୁ ଆସି ତାହାର ପୂର୍ବ ଗରିମା ବଜାୟ ରଖୁ-ଏତିକି ଆଶା ରଖୁଛି।



-ଦିଲ୍ଲୀପ ହାଲି, ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଜନସଚେତନତାମୂଳକ ନାଟକକୁ ଗୁରୁତ୍ୱ ଦିଏ

**ରୋହିତ ନାଗେଶ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗୀତିକାର ଏବଂ ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ ଯାହା କହନ୍ତି..**

କେବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱକୁ ବେଶ୍ ସୁଚାରୁ ଭାବରେ ତୁଲାଇ ପାରନ୍ତି । ଏ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ରୋହିତ ନାଗେଶ। ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଅନକାପୁର ଗ୍ରାମର ତାଙ୍କର ଜନ୍ମ। ପ୍ରଥମେ ତାଙ୍କୁ ଗୀତିନାଟ୍ୟରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ନିଜ ଅଭିନୟ ତଥା ନିର୍ଦ୍ଦେଶନା କ୍ୟାରିୟର ବିଷୟରେ ସେ କହନ୍ତି, ''ଅଭିନୟରୁ ମୋତେ ଯେତେବେଳେ ଆତ୍ମତୃପ୍ତି ମିଳିଲା ପରେ ମାତ୍ର ୧୬ ବର୍ଷରୁ ମୁଁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲି। ଅଭିନୟ ଏବଂ ନିର୍ଦ୍ଦେଶନା ବ୍ୟତୀତ ମୁଁ ନାଟକ ଓ ଗୀତ ରଚନା ମଧ୍ୟ କରିଛି। ମୋ ନାଟକଗୁଡିକରେ ଜନସଚେନତାମୂଳକ ବାର୍ତ୍ତା ଭରି ରହିଥାଏ। ନାଟକଟିଏ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ମଧ୍ୟ ପ୍ରାଥମିକତା ଦେଇଥାଏ।'' ପିତା ଭାସ୍କର ନାଗେଶ ଓ ମାତା ଜୟମନି ନାଗେଶଙ୍କ ଏହି ଜ୍ୟେଷ୍ଠ ପୁତ୍ରଙ୍କ ରଚିତ ପ୍ରମୁଖ ନାଟକଗୁଡିକ ହେଉଛି- ସାଗର ଝୁରୁଛି ଝରଣା ପାଇଁ , ସଧବା ନାରୀର ବିଧବା ବେଶ, ଘର ଭାଙ୍ଗିଲା ପର କଥାରେ ଏବଂ ସାଥୀକୁ ସବାରି ସାତ ସପନ।

-ମକାରୁ ବେମାଲ, ନୂଆପଡ଼ା



ରୋହିତ

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ Bhubaneswar, Thursday, April 17/ 2025

# ସୁପର ଓଭରରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୧୬।୪

ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ସୁପର ଓଭରରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଚଳିତ ସଂସ୍କରଣର ଏହା ପ୍ରଥମ ସୁପର ଓଭର ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୫ ଉଇକେଟ ହରାଇ ୧୮୮ ରନ କରିଥିବା ବେଳେ ରାଜସ୍ଥାନ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୪ ଉଇକେଟ ହରାଇ ୧୮୮ ରନ କରିବାକୁ ସକ୍ଷମ ହୋଇଥିଲା। ସୁପର ଓଭରରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୨ ରନର ଟାର୍ଗେଟ୍‌କୁ ଦିଲ୍ଲୀ ୪ଟି ବଲରେ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ସମାନ ସଂଖ୍ୟକ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ପାଇଁ ଅଭିଷେକ ପୋରେଲ ସର୍ବାଧିକ ୪୯ (୫ ଚୌକା ଓ ୧ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୩୮ (୨ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୪ ଚୌକା ଓ ୨ ଛକା) ରନ କରିଥିବା ବେଳେ ଟ୍ରିଷ୍ଟାନ ଷ୍ଟବ୍ସ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଜଶସ୍ୱି ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ଓପନିଂ ଯୋଡ଼ି ୫.୩ ଓଭରରେ ୬୧ ରନ ଯୋଡ଼ିଥିଲା। ସାମସନ ୧୯ ବଲରେ ୨ ଚୌକା ଓ ୩ ଛକା ସହିତ ୩୧ ରନ କରି ଦୁର୍ଭାଗ୍ୟବଶତଃ ଇଞ୍ଜୁରୀ କାରଣରୁ ରିଟାୟର୍ଡ ହର୍ଟ ହୋଇଥିଲେ। ତାଙ୍କ ବଦଳରେ ଆସିଥିବା ରିୟାନ ପରାଗ (୮) ଫେଲ୍ ମାରିଥିଲେ। ଜୟସ୍ୱାଲ ୫୧ (୩ ଚୌକା ଓ ୪ ଛକା) ଓ ନୀତିଶ ରାଣା ୫୧ (୬ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଧ୍ରୁବ ଜୁରେଲ ୨୬(୨ ଛକା) ଓ ଶିମରନ ହେଟମାୟର ୧୫ ରନ କରିଥିଲେ। ଫଳରେ ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୮୮ ରନ କରିବାରୁ ମ୍ୟାଚ୍ ଟାଇ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୮/୫ (ଅଭିଷେକ ପୋରେଲ-୪୯, ଲୋକେଶ ରାହୁଲ-୩୮, ଅକ୍ଷର ପଟେଲ-୩୪, ଟ୍ରିଷ୍ଟାନ ଷ୍ଟବ୍ସ-୩୪*, ଜୋଫ୍ରା ଆର୍ଚ୍ଚର-୨/୩୨, ୱାନିନ୍ଦୁ ହସରଙ୍ଗା-୧/୩୮)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୮୮/୪ (ଜଶସ୍ୱି ଜୟସ୍ୱାଲ-୫୧, ନୀତିଶ ରାଣା-୫୧, ସଞ୍ଜୁ ସାମସନ-୩୧, ଅକ୍ଷର ପଟେଲ-୧/୨୩, କୁଲଦୀପ ଯାଦବ-୧/୩୩, ମିଚେଲ ଷ୍ଟାର୍କ-୧/୩୬ )।


ଶଟ୍ ଖେଳିବା ଅବସରରେ ଅଭିଷେକ ପୋରେଲ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ମୁମ୍ବାଇ ବନାମ ହାଇଦ୍ରାବାଦ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୮୯୯ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

## ଦୁଃସାହସିକ କ୍ରୀଡ଼ା ପାଇଁ ଦେବୀଦତ୍ତ ପୁରସ୍କୃତ

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)



ଦୁଃସାହସିକ କ୍ରୀଡ଼ାରେ ଉତ୍କର୍ଷତା ପାଇଁ ୱିଙ୍ଗ୍ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନଜନକ ମ୍ୟାକ୍ ଗ୍ରେଗୋର ପଦକ ହାସଲ କରିଛନ୍ତି। ନୂଆଦିଲ୍ଲୀର ୟୁନାଇଟେଡ୍ ସର୍ଭିସ ଇନ୍‌ଷ୍ଟିଚ୍ୟୁଟ୍ (ୟୁଏସ୍‌ଆଇ)ରେ ଅନୁଷ୍ଠିତ ଏକ ଉତ୍ସବରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ଜେନେରାଲ ଅନିଲ ଚୌହାନ ତାଙ୍କୁ ପୁରସ୍କୃତ କରିଛନ୍ତି। ଦେବୀଦତ୍ତ ୨୨ଥର ବିଭିନ୍ନ ପର୍ବତାରୋହଣ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ମଧ୍ୟରେ ମାଉଣ୍ଟ ଏଭରେଷ୍ଟ, ମାଉଣ୍ଟ ଧଉଳାଗିରି, ମାଉଣ୍ଟ ଲୋହୋଟ୍‌ସେ ଆଦି ଅନ୍ୟତମ। ସେ ଶେରପାଙ୍କ ବିନା ସହାୟତାରେ ମଧ୍ୟ ଅନେକ ପର୍ବତ ଆରୋହଣ କରିଛନ୍ତି। ଏହା ବ୍ୟତୀତ ସେ ୨୦୨୩ ଓ ୨୦୨୪ରେ ୭୨ କିଲୋମିଟର ରନ୍‌ବିଶିଷ୍ଟ କରଦୁଙ୍ଗଲା ଚ୍ୟାଲେଞ୍ଜ, ୱାଟରଫଲ୍ସ ଏବଂ ଅନେକ ଲଙ୍ଗ୍ ଡିଷ୍ଟାନ୍ସ ସାଇକ୍ଲିଂ ଅଭିଯାନରେ ସାମିଲ ଥିଲେ। ଏହାଛଡ଼ା ସେ ହିମାଳୟାନ ମାଉଣ୍ଟେନିରିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରିନ୍ସିପାଲ ମଧ୍ୟ ଥିଲେ।

## ଆଇପିଏଲ୍ ଉପରେ ଫିକ୍ସିଂର କଳାବାଦଲ

ମୁମ୍ବାଇ,୧୬।୪

### ବିସିସିଆଇ ପକ୍ଷରୁ ସତର୍କତା ଜାରି

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍‌ର ସମସ୍ତ ଫ୍ରାଞ୍ଚାଇଜ୍ ପାଇଁ ସମ୍ଭାବ୍ୟ ଦୁର୍ନୀତି ଲାଗି ପ୍ରଲୋଭନ ସମ୍ପର୍କରେ ସତର୍କତା ଜାରି କରାଯାଇଛି। ସନ୍ଦେହଜନକ ପରିଚୟପତ୍ର ସହିତ ଜଣେ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସକ୍ରିୟ ଭାବେ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବା ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି। ଏ ନେଇ ଫ୍ରାଞ୍ଚାଇଜ୍‌ର ମାଲିକ, ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଏପରିକି ଭାଷ୍ୟକାରଙ୍କୁ ମଧ୍ୟ ସତର୍କ କରାଯାଇଛି।

ଆଣ୍ଟି-କରପସନ ସିକ୍ୟୁରିଟି ୟୁନିଟ୍(ଏସିଏସ୍‌ୟୁ) ମୁତାବକ, ଉକ୍ତ ବ୍ୟବସାୟୀଙ୍କ ଘର ହାଇଦ୍ରାବାଦ। ବୁକିଙ୍କ ସହ ତାଙ୍କର ଲିଙ୍କ୍ ରହିଛି ଏବଂ ଅତୀତରେ ଦୁର୍ନୀତି ସମ୍ପର୍କିତ କାର୍ଯ୍ୟକଳାପରେ ତାଙ୍କ ସମ୍ପୃକ୍ତି ଥିବାର ରେକର୍ଡ ମଧ୍ୟ ରହିଛି। ଉକ୍ତ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ସହିତ ବନ୍ଧୁତା କରିବାକୁ ଉଦ୍ୟମ କରୁଛନ୍ତି। ସେହି ବ୍ୟବସାୟୀଙ୍କ ପକ୍ଷରୁ ହୋଇଥିବା ସମ୍ଭାବ୍ୟ ଯୋଗାଯୋଗ ସମ୍ପର୍କରେ ରିପୋର୍ଟ କରିବାକୁ ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍‌ର ସମସ୍ତ ଅଂଶୀଦାରଙ୍କୁ କୁହାଯାଇଛି। ଏଥିସହିତ ଆଇପିଏଲ୍ ସହ ଜଡ଼ିତ ସମସ୍ତଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍ ଦଳଗୁଡ଼ିକୁ କୁହାଯାଇଥିଲା ଯେ, ଅତ୍ୟାଧୁନିକ ଟେକ୍‌ନୋଲୋଜି ଯୋଗୁ ଚ୍ୟାଲେଞ୍ଜ ବୃଦ୍ଧି ପାଇଛି।

## ବ୍ୟାଟ୍ ଆକାର ଯାଞ୍ଚରେ ନାରିନ ଫେଲ୍

**ଚଣ୍ଡିଗଡ଼,୧୬।୪:** କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର) ଅଲ୍‌ରାଉଣ୍ଡର ସୁନୀଲ ନାରିନ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। କିନ୍ତୁ ଏହି ୱେଷ୍ଟଇଣ୍ଡିଜ କ୍ରିକେଟରଙ୍କୁ ମଙ୍ଗଳବାର ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଲଜ୍ଜିତ ହେବାକୁ ପଡ଼ିଛି। ସେ ବ୍ୟାଟିଂ କରିବାକୁ ଆସୁଥିବାବେଳେ ରିଜର୍ଭ ଅମ୍ପାୟର ସୟେଦ ଖାଲିଦ ପଡ଼ିଆ ବାହାରେ ତାଙ୍କ ବ୍ୟାଟ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବ୍ୟାଟ୍ ଗେଜ ମଧ୍ୟ ଦେଇ ନାରିନଙ୍କ ବ୍ୟାଟ୍ ଅତିକ୍ରମ କରିପାରି ନ ଥିଲା। ଫଳରେ ତାଙ୍କୁ ବ୍ୟାଟ୍ ପରିବର୍ତ୍ତନ କରିବାକୁ ପଡ଼ିଥିଲା। କ୍ରିକେଟରେ ନୂଆ ନିୟମ ଅନୁସାରେ ଅମ୍ପାୟର ଚାହିଁଲେ ବ୍ୟାଟର ମାନଙ୍କର ବ୍ୟାଟ୍ ଆକାର ଯାଞ୍ଚ କରୁଛନ୍ତି।

## ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)

### ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପିତ

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ଓଡ଼ିଶା ୨୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ମାତ୍ର ଗୋଲ ବ୍ୟବଧାନ ରେ ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ ଓ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ନୀତା ଏକାଡେମୀର ଗୋଲ ବ୍ୟବଧାନ ୪୮ ଓ ସ୍ପୋର୍ଟ୍ସ ଓଡ଼ିଶାର ୩୨ ରହିଥିଲା। ୨୫ ପଏଣ୍ଟ ପାଇଥିବା ଓଡ଼ିଶା ପୋଲିସ ତୃତୀୟ ସ୍ଥାନ ହାସଲ କରିଛି। ଏହି ଦଳର ଗୋଲ ବ୍ୟବଧାନ ୫୩ ରହିଥିଲେ ହେଁ ଗୋଟିଏ ପଏଣ୍ଟ ପାଇ ପଛରେ ପଡ଼ି ଯାଇଛି। ୧୮ ପଏଣ୍ଟ ସହ କିଟ୍ ଓ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ୧୧ଟି ଦଳକୁ ନେଇ ଲିଗ୍‌ରେ ମୋଟ ୫୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଉପ ସଚିବ ଅମିତ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ କୁମାର ସାହୁ, ମହମ୍ମଦ ସହିଦ ଜବାର, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ନୀତା ଫୁଟବଲ ଏକାଡେମୀ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଶ୍ରୀଭୂମି ସହିତ ଭଲ ଅଭିଜ୍ଞତା ରହିଲା: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)

### ଇଣ୍ଡିଆନ ଓମେନ୍ସ ଲିଗ୍

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ କୋଲ୍‌କାତାର ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୩-୦ ଗୋଲରେ ଘରୋଇ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଶ୍ରୀଭୂମି ଦଳର ଫରୱାର୍ଡ ନଙ୍ଗମେଇକାପାମ ଶିବାନୀ ଦେବୀଙ୍କ ହାଟ୍ରିକ ଗୋଲ ବଳରେ କୋଲକାତା ଦଳକୁ ଏହି ସଫଳତା ମିଳିଛି। ପୂରା ମ୍ୟାଚ୍‌ରେ ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଆଧିପତ୍ୟ ବିସ୍ତାର କରି ଖେଳିଥିବାବେଳେ ମଣିପୁରର ଶିବାନୀ ୧୦ମ, ୧୮ଶ ଓ ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ହାଟ୍ରିକ ପୂରଣ କରିଥିଲେ। ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଦଳର ସଫଳତା ପଛରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ବେଶ୍ ଅବଦାନ ରହିଛି। ପୂରା ସିଜନରେ ଶ୍ରଦ୍ଧାଞ୍ଜଳି ଏହି ଦଳର ସହକାରୀ କୋଚ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ତେଣୁ ଦଳର ବିଜୟରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି।

''ପୂର୍ବରୁ ମୁଁ ରାଜ୍ୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିଛି। ଏହାପରେ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ଅନେକଥର ତୁଲାଇଛି। ମାତ୍ର ଓଡ଼ିଶା ବାହାର ଏକ କ୍ଲବରେ ଏଥର ପ୍ରଥମଥର ପାଇଁ ପିଲାଙ୍କୁ ପ୍ରଶିକ୍ଷଣରେ ଭିନ୍ନ ଅନୁଭୂତି ମିଳିଛି। ଦଳରେ ଗୋଲ୍‌କିପର ଅଦିତି ଚୌହାନଙ୍କ ପରି ଅନେକ ଭଲ ଖେଳାଳି ଥିଲେ। ଫାଇନାଲରେ ନଙ୍ଗମେଇକାପାମ ଶିବାନୀ ଦେବୀ ଅତି ଚମତ୍କାର ଖେଳି ହାଟ୍ରିକ୍ ଅର୍ଜନ କଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ କ୍ଲବ ବିଜୟୀ ହେବା ସହିତ ଚଳିତ ସିଜନରେ ତୃତୀୟ ସ୍ଥାନରେ ରହିଲା। ମୁଁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ସହ ବ୍ୟକ୍ତିଗତ ଭାବେ ଅନେକ କିଛି ଶିଖିଛି। କାରଣ ମୁଁ ସବୁବେଳେ ଜ୍ଞାନ ଆହରଣକୁ ଭଲପାଏ। ଜଣେ କୋଚ୍‌ଭାବେ ଏହି କ୍ଲବ ସହ କାର୍ଯ୍ୟକରି ମୋତେ ଯେଉଁ ଅନୁଭୂତି ମିଳିଛି ତାହା ଆଗାମୀ ଦିନରେ ନିଶ୍ଚିତ ସାହାଯ୍ୟ କରିବ। ଆଗାମୀ ସିଜନରେ ମଧ୍ୟ କୌଣସି ନା କୌଣସି କ୍ଲବ ସହ ଯୋଡ଼ିହୋଇ ରହିବାର ଯୋଜନା ରହିଛି'' ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୧୪ ମ୍ୟାଚ୍‌ରୁ ୭ ବିଜୟ ସହ ୨୨ ପଏଣ୍ଟ ପାଇଛି। ଫଳରେ ଏହି ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଇଷ୍ଟ ବେଙ୍ଗଲ ଏଫ୍‌ସି ୩୪ ପଏଣ୍ଟ ପାଇଥିବାରୁ ଚାମ୍ପିୟନ ହେବା ନିଶ୍ଚିତ ହୋଇସାରିଛି। ଗୋକୁଲମ କେରଳ ୨୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚ୍‌ରୁ ୮ମ ପରାଜୟ ସହ ତା'ର ଅଭିଯାନ ଶେଷ କରିଛି।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ


ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଶ୍ରୀଭୂମି ଫୁଟ୍‌ବଲ କ୍ଲବର ଖେଳାଳି ଓ ଅଫିସିଆଲ।

## ସୁରୁଚିଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ, ମନୁଙ୍କୁ ରୌପ୍ୟ



ସୁରୁଚି ଇନ୍ଦର ସିଂ

ଲିମା,୧୬।୪(ପି.ଟି.)

### ଶୁଟିଂ ବିଶ୍ୱକପ୍

ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଲଗାତର ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ମେଡାଲିଷ୍ଟ ମନୁ ଭାକର ରୌପ୍ୟ ପଦକ ଅର୍ଜନ କରିଛନ୍ତି।

୧୮ ବର୍ଷୀୟା ସୁରୁଚି ନିକଟରେ ସିଜନର ପ୍ରଥମ ବିଶ୍ୱକପ୍ ଇଭେଣ୍ଟରେ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୨୪ ଶଟ୍‌ବିଶିଷ୍ଟ ଫାଇନାଲରେ ୨୪୩.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ମାନୁ ୧.୩ ପଏଣ୍ଟ ପଛରେ ରହିଯାଇଥିଲେ। ଚାଇନାର ୟାଓ କ୍ୱିନଜୁନ ବ୍ରୋଞ୍ଜ ପଦକ ଜିତିଥିଲେ। ୬୦ ଶଟ୍‌ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମାନୁ ୫୭୮ ପଏଣ୍ଟ ସହ ଚତୁର୍ଥ ସ୍ଥାନ ପାଇଥିଲେ। ଅନ୍ୟତମ ଭାରତୀୟ ଶୁଟର ସେନୟାମ ୫୭୧ ପଏଣ୍ଟ ସହ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପୁରୁଷ ୧୦ ମି. ଏୟାର ପିସ୍ତଲ ଫାଇନାଲରେ ସୌରଭ ଚୌଧାରୀ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଭାରତୀୟ ଶୁଟରଙ୍କ ଏଭଳି ପ୍ରଦର୍ଶନ ଯୋଗୁ ଟୁର୍ନାମେଣ୍ଟର ପଦକ ତାଲିକାରେ ଭାରତ ୩ ପଦକ ସହ ଶୀର୍ଷରେ ରହିଛି। ଏହି ତାଲିକାରେ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ